


# ଚିନ୍ତା ବଢ଼ାଇଛି ଦଳବଦଳ

**ବାରିପଦା ଅଫିସ,୨୭।୩**

ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସବୁଠି ଜୋର ଧରିଛି ଦଳବଦଳ ରାଜନୀତି । ଶକ୍ତି ବୃଦ୍ଧି କରିବା ଆଳରେ ବିଭିନ୍ନ ଦଳ ଅନ୍ୟଦଳର ନେତା ଓ କର୍ମୀଙ୍କୁ ଦଳରେ ସାମିଲ କରାଉଛନ୍ତି। ଭାଜପାର ବରିଷ୍ଠ ନେତା ତଥା ରାଜ୍ୟ ଉପସଭାପତି ଥିବା ରାଜକିଶୋର ଦାସ ଗତ ଶନିବାର ଭାଜପାର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇ ସୋମବାର ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ତାଙ୍କର ଅନେକ ସମର୍ଥକ ବିଜେଡିରେ ସାମିଲ ହୋଇଥିବା କୁହାଯାଉଛି । ରାଜକିଶୋର ମୋରଡା ନିର୍ବାଚନ ମଣ୍ଡଳୀ ପାଇଁ ଭାଜପା ଟିକେଟ୍‌ରେ ବିଧାୟକ ପ୍ରାର୍ଥୀ ହେବାକୁ ଆଶାୟୀ ଥିଲେ। ଶେଷ ସମୟରେ ଦଳର କେତେକ ନେତା ତାଙ୍କୁ ନିର୍ଯାତନା ଦେଉଥିବା କହି ସେ ଦଳ ଛାଡିଥିଲେ। ଗତ ସୋମବାର ରାଜକିଶୋର ୧୪ ଜଣ ଜିଲାପରିଷଦ ସଭ୍ୟାସଭ୍ୟଙ୍କ ସହିତ ବିଜେଡିରେ ଯୋଗ ଦେଉଥିବା କହିଥିଲେ। କିନ୍ତୁ ନବୀନ ନିବାସରେ ମିଶ୍ରଣ ମଞ୍ଚରେ ରାଜ କିଶୋର ଏକ ଥିଲେ । ସେଠାରେ କୌଣସି ଜିଲା ପରିଷଦ ସଭ୍ୟାସଭ୍ୟଙ୍କ ନାମ ଘୋଷଣା କରାଯାଇ ନ ଥିଲା। ତେବେ ରାଜକିଶୋରଙ୍କ ବୟାନକୁ ମୟୂରଭଞ୍ଜ ଜିଲା ଭାଜପା ଗୁରୁତର ଭାବେ ନେଇଛି। ଇତିମଧ୍ୟରେ ଜିଲା ପରିଷଦ ସଦସ୍ୟଙ୍କୁ ନେଇ ଭାଜପା ଗୁପ୍ତ ବୈଠକ କରି କେହି ଦଳ ଛାଡିବେ ନାହିଁ ଶପଥପାଠ କରାଇଥିବା ସୂଚନା ମିଳିଛି।

ମଙ୍ଗଳବାର ଭାଜପାର ପଶ୍ଚିମ ସଂଗଠନ ଅଧୀନରେ ଥିବା ଜିଲା ପରିଷଦ ସଭ୍ୟାସଭ୍ୟଙ୍କୁ ନେଇ ରାଇରଙ୍ଗପୁର ଠାରେ ସଂଗଠନର ସଭାପତି ନବୀନ ରାମଙ୍କ ସଭାପତିତ୍ୱରେ ବୈଠକ କରାଯାଇଥିଲା। ବୁଧବାର ପୂର୍ବ ସଂଗଠନର ଜିଲା ପରିଷଦ ସଭ୍ୟାସଭ୍ୟଙ୍କୁ ନେଇ ବାରିପଦା ତକତପୁର ଛକସ୍ଥିତ ଜିଲା କାର୍ଯ୍ୟାଳୟରେ ବୈଠକ ହୋଇଥିଲା। ସଂଗଠନର ସଭାପତି ଡା.କୃଷ୍ଣଚନ୍ଦ୍ର ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ମୟୂରଭଞ୍ଜ ଲୋକ ସଭା ଆସନ ଦାୟିତ୍ୱରେ ଥିବା ସହ ପ୍ରଭାରୀ ଶାରଦା ଶତପଥୀ ଯୋଗଦେଇଥିଲେ। ବୈଠକରେ ଉପସ୍ଥିତ ଜିଲା ପରିଷଦ ସଭ୍ୟାସଭ୍ୟମାନେ ଭାଜପା ଛାଡିବେନି ଏବଂ ସାଧାରଣ ନିର୍ବାଚନରେ ଦଳ ପାଇଁ କାର୍ଯ୍ୟ କରିବେ ବୋଲି ଶପଥ ପାଠ କରିଥିବା କୁହାଯାଉଛି।

ଉଲ୍ଲେଖନୀୟ ଯେ,ମୟୂରଭଞ୍ଜ ଜିଲାର ୫୬ ଜିଲା ପରିଷଦ ଆସନ ମଧ୍ୟରୁ ୪୮ ଟିରେ ଭାଜପା ପ୍ରାର୍ଥୀ ରହିଛନ୍ତି। ପଶ୍ଚିମ ମୟୂରଭଞ୍ଜରେ ୨୧ ଜଣ ଏବଂ ପୂର୍ବ ମୟୂରଭଞ୍ଜରେ ୨୭ ଜଣ ସଦସ୍ୟ ଅଛନ୍ତି। ରାଇରଙ୍ଗପୁରଠାରେ ଅନୁଷ୍ଠିତ ବୈଠକରେ ୨୧ ଜିଲା ପରିଷଦ ସଦସ୍ୟ ମଧ୍ୟରୁ ୨୦ ଓ ବାରିପଦା ବୈଠକରେ ୨୭ ସଦସ୍ୟଙ୍କ ମଧ୍ୟରୁ ୨୩ ଜଣ ଉପସ୍ଥିତ ଥିଲେ। ଅନ୍ୟମାନେ ବିଭିନ୍ନ ବ୍ୟକ୍ତିଗତ କାରଣରୁ ଉପସ୍ଥିତ ହୋଇ ପାରି ନ ଥିଲେ ବୋଲି ଭାଜପା କହିଛି। ତେବେ ରାଜକିଶୋରଙ୍କ ସହିତ ଜଣେ ବି କେହି ଜିଲା ପରିଷଦ ସଦସ୍ୟ ବିଜୁ ଜନତା ଦଳରେ ଯୋଗଦେଇ ନାହାନ୍ତି ବୋଲି ଉଭୟ ସଂଗଠନର ସଭାପତି ନବୀନ ଓ କୃଷ୍ଣଚନ୍ଦ୍ର ପ୍ରକାଶ କରିଛନ୍ତି।

ଗତ ପଞ୍ଚାୟତ ନିର୍ବାଚନରେ ଭାଜପାଠାରୁ ଶୋଚନୀୟ ପରାଜୟବରଣ କରିଥିବା ବିଜେଡି ରାଜ କିଶୋରଙ୍କ ମାଧ୍ୟମରେ ଜିଲା ପରିଷଦ ସଭ୍ୟାସଭ୍ୟଙ୍କୁ ବିଜେଡିରେ ସାମିଲ କରାଇବା ଲକ୍ଷ୍ୟରେ ରହିଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏ ପରି କି ବିଜେଡିର ଜଣେ ଜିଲା ପରିଷଦ ସଭ୍ୟାଙ୍କୁ ସଭାପତି ଚୌକିରେ ବସାଇବା ଯୋଜନା ଥିବା କୁହାଯାଉଛି। ଏ ସମ୍ପର୍କରେ ରାଜକିଶୋରଙ୍କୁ ପଚାରିବାରୁ ତାଙ୍କ ସହିତ ପ୍ରାୟ ୧୪ ଜିଲା ପରିଷଦ ସଭ୍ୟାସଭ୍ୟ ରହିଛନ୍ତି ଏବଂ ସେମାନେ ବିଜେଡିରେ ଯୋଗ ଦେବେ ବୋଲି ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି। ବିଜେଡିରେ ସାମିଲ ହେବା ପରେ ସେ ମୋରଡା ବିଧାନସଭା ଆସନ ପାଇଁ ଟିକେଟ ପାଇବେ କିମ୍ବା ରାଜ୍ୟସଭାକୁ ପ୍ରାର୍ଥୀ ହୋଇ ଯିବେ,ସେ ନେଇ ଚର୍ଚ୍ଚା ଲାଗି ରହିଛି। ଅନ୍ୟପକ୍ଷେ ଦଳବଦଳ ରାଜନୀତିକୁ ନେଇ ମୂଳ ଦଳର କର୍ମୀ ଅସନ୍ତୋଷ ପ୍ରକାଶ କରୁଥିବା ଲକ୍ଷ୍ୟ କରାଯାଉଛି।



ଭାଜପା ଜିଲା କାର୍ଯ୍ୟାଳୟରେ ଜିଲା ପରିଷଦ ସଭ୍ୟାସଭ୍ୟ ଓ ନେତୃବୃନ୍ଦ।

- **ଦଳ ନ ଛାଡିବାକୁ ଶପଥ ନେଲେ ଭାଜପା ଜିଲା ପରିଷଦ ସଭ୍ୟାସଭ୍ୟ**
- **ରାଜକିଶୋରଙ୍କ ସହ ମିଶି କେହି ଦଳ ଛାଡି ନାହାନ୍ତି-ଭାଜପା**

- କଳ୍ପନା ଜଳ୍ପନାର ଅନ୍ତ

# ଦ୍ୱିତୀୟଥର ପାଇଁ ବିଜେଡିରୁ ଏମ୍‌ପି ପ୍ରାର୍ଥୀ ହେଲେ ରବୀନ୍ଦ୍ର

**ବାଲେଶ୍ୱର ଅଫିସ,୨୭।୩**

ଶାସକ ବିଜେଡି ଦଳରୁ କିଏ ପ୍ରାର୍ଥୀ ହେବେ ଏନେଇ ଲାଗିରହିଥିବା କଳ୍ପନା ଜଳ୍ପନାର ଅନ୍ତ ହୋଇଛି। ବାଲେଶ୍ୱର ଲୋକସଭା ଆସନରୁ ବିଜେଡି ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନାଙ୍କୁ ଏଠାରେ ୨ୟଥର ପାଇଁ ପ୍ରାର୍ଥୀ କରିଛି। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ବୁଧବାର ବିଧିବଦ୍ଧ ଭାବେ ତାଙ୍କ ନାମ ଘୋଷଣା କରିଛନ୍ତି। ଏଥିସହିତ ରେମୁଣା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ ସୁଧାଂଶୁ ଶେଖର ପରିଡ଼ା ଏବଂ ଭୋଗରାଇ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ ପ୍ରାକ୍ତନ ମନ୍ତ୍ରୀ ଅନନ୍ତ ଦାସଙ୍କ ନାମ ଘୋଷଣା କରାଯାଇଛି।

୨୦୧୪ ନିର୍ବାଚନରେ ବାଲେଶ୍ୱର ଲୋକସଭା ଆସନର ମୋଟ ୧୩ଲକ୍ଷ ୪୯ହଜାର ୮୩୮ଜଣ ଭୋଟରଙ୍କ ମଧ୍ୟରୁ ୧୦ଲକ୍ଷ ୪୯ହଜାର ୪୫୦ ଭୋଟର (୭୭.୭୪ ପ୍ରତିଶତ) ମତଦାନ ସାବ୍ୟସ୍ତ କରିଥିଲେ। ଜେନା ଏହି ନିର୍ବାଚନ ଲଢ଼ି ସର୍ବାଧିକ ୪ଲକ୍ଷ ୩୩ହଜାର ୭୬୮ ଭୋଟ୍ ପାଇ ବିଜୟୀ ହୋଇଥିଲେ। ଦ୍ୱିତୀୟଥର ପାଇଁ ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ପ୍ରାର୍ଥୀତ୍ୱ ପ୍ରଦାନ କରିଛନ୍ତି। ସେହିପରି ୫ବର୍ଷ ଏମ୍‌ପି ସମୟରେ ସର୍ବଭାରତୀୟସ୍ତରରେ ଲଗାତାର ଦୁଇବର୍ଷ ଶ୍ରେଷ୍ଠ ଏମ୍‌ପି ଭାବେ ପୁରସ୍କୃତ ହୋଇ ଓଡ଼ିଶା ତଥା ବାଲେଶ୍ୱରର ସମ୍ମାନକୁ ବଢ଼ାଇବାରେ ସହାୟକ ହୋଇଛନ୍ତି। ଦେଶର ଅଗ୍ରଣୀ ପତ୍ରିକା 'ଫେମ ଇଣ୍ଡିଆ' ଓ ଏସିଆ ପୋଷ୍ଟ ପକ୍ଷରୁ ଅନଲାଇନ ସର୍ଭେରେ ଦେଶର ୨୫ଜଣ ଏମ୍‌ପିଙ୍କ ମଧ୍ୟରୁ 'ଶାନଦାର' ବିଭାଗରେ ତାଙ୍କୁ ଶ୍ରେଷ୍ଠ ଏମ୍‌ପି ଭାବେ ପୁରସ୍କୃତ କରାଯାଇଛି। ନିଜର କଠୋର ପରିଶ୍ରମ, ଉତ୍ତମ ବ୍ୟବହାର, ଉଚ୍ଚବିଚାର, ଲୋକମାନଙ୍କ ସହ ମେଳାପୀ ବ୍ୟବହାର ସହ ବିଜୁ ଜନତା ଦଳ ପ୍ରତି ଲୋକମାନଙ୍କର ଆସ୍ଥା ଆଗାମୀ ନିର୍ବାଚନରେ ବିଜୟୀ ହେବାର ମାପକାଠି ହେବ ବୋଲି ସେ କହିଛନ୍ତି। ତେବେ ଟିକେଟ ପାଇବାକୁ ବଞ୍ଚିତ ଅନ୍ୟ ଆଶାୟୀଙ୍କ ପ୍ରତିକ୍ରିୟା କିଭଳି ଆସୁଛି ତାହାଉପରେ ସମସ୍ତଙ୍କ ନଜର ରହିଛି।

# ମୟୂରଭଞ୍ଜ ଲୋକ ସଭା ଆସନରେ ବିଜେଡି ପ୍ରାର୍ଥୀ ଦେବାଶିଷ

**ବାରିପଦା ଅଫିସ,୨୭।୩**

ବିଜୁ ଜନତା ଦଳ ପକ୍ଷରୁ ମୟୂରଭଞ୍ଜ ଲୋକ ସଭା ଆସନ ଓ କରଞ୍ଜିଆ ବିଧାନସଭା ଆସନ ଲାଗି ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଲୋକ ସଭା ଆସନ ସକାଶେ ଡାକ୍ତର ଦେବାଶିଷ ମାରାଣ୍ଡି ଓ କରଞ୍ଜିଆ ବିଧାନସଭା ଆସନ ଲାଗି ବାସନ୍ତୀ ହେମ୍ବ୍ରମଙ୍କ ନାମ ଘୋଷଣା କରିଛନ୍ତି। ଡା.ଦେବାଶିଷ ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ରହିଛନ୍ତି। ସେ ୨୦୧୪ ନିର୍ବାଚନରେ ଜେଏମଏମ ପ୍ରାର୍ଥୀ ଭାବେ ଲୋକ ସଭା ନିର୍ବାଚନ ଲଢ଼ି ହାରି ଯାଇଥିଲେ। ପରେ ସେ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ତାଙ୍କୁ ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଥିଲା। ସେହିପରି ବାସନ୍ତୀ ତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷ ରହିଛନ୍ତି। ସେ ପୂର୍ବରୁ ଶୁକ୍ଳି ପଞ୍ଚାୟତ ସମିତିର ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ।

**କରଞ୍ଜିଆ ବିଧାନସଭା ଆସନ ଲାଗି ଟିକେଟ ପାଇଲେ ବାସନ୍ତୀ**



# ଭାଜପା ଜିଲା ସଭାପତିଙ୍କ ବିରୋଧରେ ଗିରଫ ପରୱାନା

**କେନ୍ଦୁଝର,୨୭।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଭାଜପା ସଭାପତି ରାଧାକାନ୍ତ ମହାନ୍ତଙ୍କ ବିରୋଧରେ ଗିରଫ ପରୱାନା ଜାରି ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଭାଜପା ଦଳରେ ଅସନ୍ତୋଷ ଦେଖାଦେଇଛି। ଶାନ୍ତି ଭଙ୍ଗ କରିବା ଆଶଙ୍କା କରି ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ, ପାଟଣା ପକ୍ଷରୁ ଏହି ପରୱାନା ଜାରି କରିଥିବା ଜଣାପଡିଛି। ତାଙ୍କୁ ଗିରଫ କରିବାକୁ ତୁରୁମୁଙ୍ଗା ଥାନା ପୋଲିସକୁ ଧାରା ୭୦ରେ ତହସିଲଦାର ଆଦେଶ କରିଛନ୍ତି। ଏ ନେଇ ରାଧାକାନ୍ତ କହିଛନ୍ତି ଯେ, ଏଭଳି ଆଦେଶ ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ। ଏ ନେଇ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟଙ୍କୁ ସେ ଜଣାଇଛନ୍ତି।

# ଯୁବନେତା ଜଗନ୍ନାଥ ପାଇଲେ ଦଳୀୟ ଟିକେଟ

**ପାଟଣା, ୨୭।୩(ସ୍ୱ.ପ୍ର.)**



କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ଭାବେ ଯୁବନେତା ଜଗନ୍ନାଥ ନାଏକଙ୍କ ନାମ ଘୋଷଣା ହୋଇଛି। ବିଜେଡି ସୁପ୍ରିମୋ ନବୀନ ପଟନାୟକ ବିଧିବଦ୍ଧ ଭାବେ ବୁଧବାର ଅପରାହ୍ନରେ ଏହି ଘୋଷଣା କରିଛନ୍ତି। ସବୁ କଳ୍ପନା ଅନ୍ତ ଘଟାଇ ପାଟଣା ବ୍ଳକ ଅଧ୍ୟକ୍ଷ ଜଗନ୍ନାଥ ଦଳୀୟ ଟିକଟ ହାତେଇବାରେ ସକ୍ଷମ ହୋଇଛନ୍ତି। ପାଟଣା ନିର୍ବାଚନ ମଣ୍ଡଳୀରେ ବିଜେଡି ଏଥର ନୂଆ ମୁହଁକୁ ପ୍ରାର୍ଥୀ କରିଛି। ଜଗନ୍ନାଥଙ୍କ ଘର ପଟଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଣ୍ଟିଆପଡା ପଞ୍ଚାୟତ ଭଗପଶି ଗ୍ରାମରେ। ପାଟଣାର ପୂର୍ବତନ ବିଧାୟକ କାହ୍ନୁଚରଣ ନାଏକଙ୍କ ପୁଅ ହେଉଛନ୍ତି ଜଗନ୍ନାଥ। ଜଗନ୍ନାଥଙ୍କୁ ବିଜେଡି ଦଳ ଆସ୍ଥା ସ୍ଥାପନ କରି ଦଳୀୟ ଟିକଟ ଦେଇଥିବାରୁ ସେ ବିଜେଡି ସୁପ୍ରିମୋ ନବୀନ ପଟନାୟକ, ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ବିଜେଡି ପାଟଣା ପର୍ଯ୍ୟବେକ୍ଷକ ଅନନ୍ତ ନାରାୟଣ ଜେନା, ରାଜ୍ୟ ବିଜେଡି ଉପସଭାପତି ତଥା ପାଟଣା ବିଧାୟକ ହୃଷୀକେଶ ନାଏକ, ରାଜ୍ୟ ସମ୍ପାଦକ ଆଶିଷ ଚକ୍ରବର୍ତ୍ତୀ, ଜିଲା ସଭାପତି ବିଦ୍ୟାଧର ବିଶ୍ୱାଳ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରାମରାଇ ମୁନ୍ଦୁୟା, ଉପାଧ୍ୟକ୍ଷା ମୀନା ମାଝୀ, ସମବାୟ ବ୍ୟାଙ୍କ ସଭାପତି କାନନ ବିହାରୀ ପୋହି, ବିଜେଡି ଯୁବନେତା ସୌମ୍ୟଶଙ୍କର ଚକ୍ର, ଆଶିଷ ଆଚାର୍ଯ୍ୟ ଓ ପାଟଣା ବ୍ଳକ ସଭାପତି ମାଧବାନନ୍ଦ ପୃଷ୍ଟିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପୂର୍ବାଞ୍ଚଳ ଜନତା ପାର୍ଟିର ପ୍ରାର୍ଥୀ ଘୋଷଣା

# ଲୋକ ସଭା ପ୍ରାର୍ଥୀ ରମାକାନ୍ତ ପଣ୍ଡା

**ବାଲେଶ୍ୱର ଅଫିସ,୨୭।୩**

ପୂର୍ବାଞ୍ଚଳ ଜନତା ପାର୍ଟି (ସେକୁଲାର) ତରଫରୁ ବାଲେଶ୍ୱର ଜିଲାର ଲୋକସଭା ଓ ବିଧାନସଭା ଆସନ ନିମନ୍ତେ ବୁଧବାର ପ୍ରାର୍ଥଙ୍କ ନାମ ଘୋଷଣା କରାଯାଇଥିଲା। ଏକ ଘରୋଇ ହୋଟେଲ ଅଭ୍ୟର୍ଥନା କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପାର୍ଟିର ରାଜ୍ୟସଭାପତି ଆଇନ୍‌ଜୀବୀ ରମାକାନ୍ତ ପଣ୍ଡା ଘୋଷଣା କରିଛନ୍ତି। ପୂର୍ବାଞ୍ଚଳ ଜନତା ପାର୍ଟି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନୀତି ଆଦର୍ଶକୁ ନେଇ ସମଗ୍ର ଭାରତବର୍ଷରେ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବାଲେଶ୍ୱର ଲୋକସଭା ଆସନରେ ରାଜ୍ୟସଭାପତି ରମାକାନ୍ତ ପଣ୍ଡା, ସଦର ବିଧାନସଭା ଆସନରୁ ପ୍ରତାପ ଚନ୍ଦ୍ର ମହାନ୍ତି, ଭୋଗରାଇ ବିଧାନସଭା ଆସନରୁ ଗିରୀଶ ଚନ୍ଦ୍ର ପରିଡ଼ା, ନୀଳଗିରି ବିଧାନସଭା ଆସନରୁ ସଞ୍ଜୟ କୁମାର ବାରିକ, ସୋର ବିଧାନସଭା ଆସନରୁ ଉମେଶ ଚନ୍ଦ୍ର ସେଠୀ, ସିମୁଳିଆ ବିଧାନସଭା ଆସନରୁ ଗଙ୍ଗାଧର ମିଶ୍ର, ରେମୁଣା ନିର୍ବାଚନମଣ୍ଡଳୀରୁ ଦିପୁ ଦାସ ପ୍ରମୁଖଙ୍କୁ ଦଳର ପ୍ରାର୍ଥୀ କରାଯାଇଛି। ଆଗାମୀ ଦିନରେ ଏହି ଦଳ ଓଡ଼ିଶାରେ ଏକ ରାଜନୈତିକ ବିକଳ୍ପ ହେବ ବୋଲି ପଣ୍ଡା କହିଥିଲେ।

# ଝୁଲି ରହିଲା ଭଦ୍ରକ, ଧାମନଗର ବିଧାନସଭା ଆସନ

**ଭଦ୍ରକ ଅଫିସ/ଆରଡ଼ି, ୨୭।୩ (ଡି.ଏନ୍.ଏ.)**

- **ବିଜେଡି ଘୋଷଣା କଲା ୩ ବିଧାନସଭା, ଲୋକ ସଭା ଆସନର ପ୍ରାର୍ଥୀ**
- **ଲୋକସଭା ଆସନ ପାଇଁ ଲଢ଼ିବେ ମଞ୍ଜୁଲତା**
- **ଚାନ୍ଦବାଲିରୁ ବ୍ୟୋମକେଶ, ଭଣ୍ଡାରିପୋଖରୀରୁ ପ୍ରଫୁଲ୍ଲ, ବାସୁଦେବପୁରରୁ ବିଷ୍ଣୁବ୍ରତ**

ବିଜେଡି ପକ୍ଷରୁ ବୁଧବାର ସନ୍ଧ୍ୟାରେ ଭଦ୍ରକ ଜିଲାର ୩ ବିଧାନସଭା ଓ ଭଦ୍ରକ ଲୋକସଭା କ୍ଷେତ୍ର ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଧାମନଗର ଓ ଭଦ୍ରକ ବିଧାନସଭା କ୍ଷେତ୍ର ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରା ନ ଯାଇ ଝୁଲାଇ ରଖାଯାଇଛି। ଏହି ୨ ବିଧାନସଭା କ୍ଷେତ୍ରରେ କିଏ ପ୍ରାର୍ଥୀ ହେବେ ସେନେଇ ନାନା କଳ୍ପନାଜଳ୍ପନା ଲାଗି ରହିଛି। ଭଦ୍ରକ ଲୋକସଭା ପ୍ରାର୍ଥୀ ଭାବେ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ପତ୍ନୀ ମଞ୍ଜୁଲତା ମଣ୍ଡଳଙ୍କ ନାମ ଘୋଷଣା କରାଯାଇଛି। ଚାନ୍ଦବାଲି ବିଧାନସଭା କ୍ଷେତ୍ର ପାଇଁ ପୁନର୍ବାର ବ୍ୟୋମକେଶ ରାୟଙ୍କୁ ସୁଯୋଗ ଦେଇଛି ବିଜେଡି। ସେହିଭଳି ଭଣ୍ଡାରିପୋଖରୀରୁ ପୁନର୍ବାର ପ୍ରଫୁଲ୍ଲ ସାମଲଙ୍କୁ ବିଜେଡି ଭରସା କରିଛି। ବାସୁଦେବପୁରରୁ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ପୁଅ ବିଷ୍ଣୁବ୍ରତ ରାଉତରାୟଙ୍କୁ ନୂତନ ଭାବେ ଦଳ ପକ୍ଷରୁ ସୁଯୋଗ ଦିଆଯାଇଛି।

ବିଜେଡି ପକ୍ଷରୁ ଘୋଷିତ ପ୍ରାର୍ଥୀଙ୍କ ମଧ୍ୟରେ ଭଣ୍ଡାରିପୋଖରୀ ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ପୂର୍ବରୁ ୪ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଜନତା ଦଳ ପକ୍ଷରୁ ସେ ଭଦ୍ରକ ବିଧାନସଭା କ୍ଷେତ୍ରରୁ ୧୯୯୦ ଓ ୧୯୯୫ରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେହିଭଳି ସେ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀରୁ ବିଜେଡି ପକ୍ଷରୁ ୨୦୦୯ ଓ ୨୦୧୪ରେ ନିର୍ବାଚିତ ହୋଇ ବିଭିନ୍ନ ମନ୍ତ୍ରୀ ଦାୟିତ୍ୱ ତୁଲାଇଛନ୍ତି। ୨୦୦୯ରେ ତତ୍କାଳୀନ କଂଗ୍ରେସ ପ୍ରାର୍ଥୀ ବଦ୍ରିନାରାୟଣ ଧଳଙ୍କଠାରୁ ୨୦,୪୧୦ ଅଧିକ ଭୋଟ୍ ପାଇ ସେ ନିର୍ବାଚିତ ହୋଇଥିଲେ। ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ସୁବ୍ରତ କୁମାର ଦାସଙ୍କଠାରୁ ୩୪,୦୯୬ ଅଧିକ ଭୋଟ ପାଇ ନିର୍ବାଚିତ ହୋଇ ମନ୍ତ୍ରୀ ଦାୟିତ୍ୱ ତୁଲାଉଛନ୍ତି। ଏଣୁ ଦଳୀୟ ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ପୁଣି ଟିକେଟ୍ ଦେଇଥିବା ଚର୍ଚ୍ଚା ହେଉଛି। ସେହିଭଳି ବାସୁଦେବପୁର ବିଧାନସଭା ମଣ୍ଡଳୀରୁ ୬ ଥର ଲଗାତର ୧୯୯୦ରୁ ୨୦୧୪ ପର୍ଯ୍ୟନ୍ତ ବିଧାୟକ ଭାବେ ନିର୍ବାଚିତ ହୋଇଆସିଥିବା ବିଜୟଶ୍ରୀ ରାଉତରାୟ ବାର୍ଦ୍ଧକ୍ୟ କାରଣରୁ ରାଜନୀତିରୁ ଅବସର ନେବା ପରେ ତାଙ୍କ ୨ୟ ପୁତ୍ର ବିଷ୍ଣୁବ୍ରତ ରାଉତରାୟଙ୍କୁ ଦଳ ରାଜନୀତିରେ ଥଇଥାନ କରିଛି। ବିଷ୍ଣୁବ୍ରତ ରାଉତରାୟଙ୍କୁ ଦଳୀୟ ସଭାପତି ବାସୁଦେବପୁର ପାଇଁ ଉପଯୁକ୍ତ ପ୍ରାର୍ଥୀ ଭାବେ ଚୟନ କରିଛନ୍ତି। ସେ ଭଦ୍ରକ ଜିଲା ବିଜେଡିର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଚାନ୍ଦବାଲି ବିଧାନସଭା କ୍ଷେତ୍ର ପାଇଁ ୨ୟ ଥର ଲାଗି ବ୍ୟୋମକେଶ ରାୟଙ୍କୁ ଟିକେଟ୍ ମିଳିଛି। ୨୦୧୪ରେ ସେ ନିକଟତମ କଂଗ୍ରେସ ପ୍ରତିଦ୍ୱନ୍ଦ୍ୱୀ ଅମିୟ କୁମାର ମହାପାତ୍ରଙ୍କଠାରୁ ୨୪, ୮୮୩ ଅଧିକ ଭୋଟ୍‌ରେ ବିଜୟୀ ହୋଇଥିଲେ। ଚାନ୍ଦବାଲି ଆସନରେ ଟିକେଟ ପାଇଁ ଦୀର୍ଘଦିନ ଧରି ଛକାପଞ୍ଝା ଲାଗିରହିଥିଲା। ବିଜେଡିର ସଂଗ୍ରାମ ରାଉତ, ଅଜୟ ନାୟକ, ପ୍ରତାପ ଧଳ ଟିକେଟ ପାଇଁ ଲବି କରିଆସୁଥିଲେ। ସବୁ କଳ୍ପନା ଜଳ୍ପନାର ଅବସାନ ଘଟିଛି। ବ୍ୟୋମକେଶଙ୍କୁ ମିଳିଛି ଟିକେଟ। ଦୀର୍ଘଦିନ ଧରି ଚାନ୍ଦବାଲିରେ ସଂଗ୍ରାମ ରାଉତଙ୍କ ତତ୍ତ୍ୱାବଧାନରେ ଗଠିତ ସଂଗ୍ରାମ ସେନା ଚାନ୍ଦବାଲିର ବିଭିନ୍ନ ଉନ୍ନତିମୂଳକ କାମ ସହ ଜଡ଼ିତ ଥିଲେ। ବ୍ୟୋମକେଶଙ୍କୁ ଟିକେଟ ମିଳିଲେ ବିରୋଧ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ। ପରବର୍ତ୍ତୀ ସମୟରେ ସଂଗ୍ରାମ ସେନାର କି ଭୂମିକା ରହିବ ତାହାକୁ ନେଇ ଚର୍ଚ୍ଚା ମଧ୍ୟ ଆରମ୍ଭ ହୋଇଯାଇଛି।

ଧାମନଗର ବିଧାୟକ ମଣ୍ଡଳଙ୍କ ପତ୍ନୀ ମଞ୍ଜୁଲତାଙ୍କୁ ଭଦ୍ରକ ଲୋକସଭା ପ୍ରାର୍ଥୀ ଭାବେ ଦଳ ଘୋଷଣା କରିଛି। ୧୯୯୩ରେ ମୁକ୍ତିକାନ୍ତ ମଣ୍ଡଳ ସରପଞ୍ଚ ହେବା ଦିନଠାରୁ ତାଙ୍କ ସ୍ତ୍ରୀ ସ୍ୱାମୀଙ୍କ ସହ ରାଜନୀତିରେ ପରୋକ୍ଷ ଭାବେ ଜଡ଼ିତ ଥିଲେ। ବିଭିନ୍ନ ସଭାସମିତିରେ ଉପସ୍ଥିତ ରହି ମହିଳାଙ୍କୁ ଆଦରି ନେଇ ସମାଜସେବା କାର୍ଯ୍ୟରେ ଲିପ୍ତ ଥିଲେ। ଏଣୁ ଦଳ ତାଙ୍କୁ ପ୍ରାର୍ଥୀ କରିଥିବା ଚର୍ଚ୍ଚା ହେଉଛି।




## ସଂକ୍ଷେପରେ

### 'ଇଚ୍ଛାଶକ୍ତି, ଅଧ୍ୟବସାୟ ସଫଳତାର ବାଟ'

#### ଧାନପୋତା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବଡସାହି,୨୭।୩(ଡି.ଏନ୍.ଏ/ସ୍ୱ.ପ୍ର.):** ମୟୂରଭଞ୍ଜ ଜିଲା ବଡସାହି ବ୍ଲକ ଅଧୀନ ଧାନପୋତା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକଗୋଷ୍ଠୀ ଶିକ୍ଷାଧିକାରୀ ଦେବବ୍ରତ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ଅଦ୍ୱୈତ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଦୁର୍ଗାଚରଣ ମହାନ୍ତ ଅଧକ୍ଷତା କରିଥିଲେ। ପଞ୍ଚାୟତ ସମିତି କଲେଜ ଅଧାପକ କୃପାସିନ୍ଧୁ ମହାକୁଡ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଧ୍ୟବସାୟ ସଫଳତାର ବାଟ ବୋଲି ଦର୍ଶାଇ ଇଚ୍ଛାଶକ୍ତି ଥିଲେ ବଳରେ ନିପଟ ମଫସଲରୁ ବି ମେଧାବୀ ଛାତ୍ରୀଛାତ୍ର ବାହାରି ପାରିବେ ବୋଲି କହିଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ (୨) ମଧୁଛନ୍ଦା ଗିରି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପଦ୍ମଲୋଚନ ଦାସ ଓ ସୋମନାଥ ଦାସ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବାର୍ଷିକ କ୍ରୀଡାରେ ସଫଳତା ହାସଲ କରିଥିବା ୬୯ ପିଲାଙ୍କୁ ଏହି ଅବସରରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ରାଣୀ ସିଂ ଓ ବିଶାଖା ମଞ୍ଜରୀ ପଣ୍ଡାଙ୍କ ସଂଯୋଜନାରେ ପିଲାମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ବ୍ଲକସ୍ତରୀୟ ଦିବସ ପ୍ରସ୍ତୁତି

**ବାଲିଆପାଳ,୨୭।୩(ଡି.ଏନ.ଏ.):** ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା, ସାରସ୍ୱତ ଅନୁଷ୍ଠାନ ସୃଜନିକା ଓ ବାଲିଆପାଳ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ଏପ୍ରିଲ ମାସ ପହିଲା ଦିନ ବ୍ଲକସ୍ତରୀୟ ଉତ୍କଳ ଦିବସ ସମାରୋହ ସ୍ଥାନୀୟ ଶାରୀରିକ ଶିକ୍ଷା କଲେଜ ପରିସରରେ ପାଳନ କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୁଡାନ୍ତ ହୋଇଛି। ସଂଗଠନ ଗୁଡିକ ପକ୍ଷରୁ ସ୍ଥାନୀୟ ସହର ପରିକ୍ରମା,ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ବନ୍ଦେ ଉତ୍କଳ ଜନନୀ ଗାନ, ପ୍ରତିଭା ସମ୍ମାନ ପ୍ରଦାନ, ବିଭିନ୍ନ ପ୍ରତିଯୋଗିତା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏନେଇ ଏକ ପ୍ରସ୍ତୁତି ବୈଠକରେ ଅଧାପକ ସୁକାନ୍ତ କୁମାର ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିଆପାଳ ଶାଖାର ସମ୍ପାଦକ ସନ୍ୟାସୀ ବେହେରା, ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ଆଇନଜିବୀ ଅର୍ଦ୍ଧେନ୍ଦୁ ବାରିକ, ଖବରଦାତା ଦିଲୀପ ଦାସ, ସୁରଥ ନନ୍ଦୀ, ଅଧାପକ ବରେନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି ବାସୁଦେବ

**ବାରିପଦା ଅଫିସ,୨୭।୩**

ବାରିପଦା ମଣ୍ଡଳ କାରାଗାରରେ ଆଜୀବନ ସଜା କାଟୁଥିବା ଜଣେ କଏଦୀ ଏବେ ସଚେତନତାର ବାର୍ତ୍ତା ବାଣ୍ଟି ଚର୍ଚ୍ଚାକୁ ଆସିଛନ୍ତି। ଅନ୍ଧବିଶ୍ୱାସ ଜନିତ ଅପରାଧ ରୋକିବା ଲାଗି ସେ ଏବେ ସମସ୍ତଙ୍କୁ ବୁଝାଉଛନ୍ତି। ଜେଲରେ କଏଦୀମାନେ ପ୍ରସ୍ତୁତ କରୁଥିବା ବିଭିନ୍ନ ସାମଗ୍ରୀ ଜେଲ ସମ୍ମୁଖ ରାସ୍ତା କଡ଼ରେ ବସି ଗ୍ରାହକଙ୍କୁ ବିକିବା ବେଳେ ସେ ନିଜ ଅପରାଧ କାହାଣୀ ଶୁଣାଇବା ସାଙ୍ଗକୁ ନିଶା ସେବନ, ଡାହାଣୀ, ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସର ବଶବର୍ତ୍ତୀ ନ ହେବାକୁ କହୁଛନ୍ତି।

ବଣ ପାହାଡ଼ଘେରା ମୟୂରଭଞ୍ଜ ଜିଲାର ଅନ୍ଧବିଶ୍ୱାସ ଆଜି ବି ବସାବାନ୍ଧି ରହିଛି । ଏହାକୁ ନେଇ ପ୍ରତିବର୍ଷ ୧୦ରୁ ଉର୍ଦ୍ଧ୍ୱ ହତ୍ୟା ମାମଲା ଘଟୁଥିବା ଏକ ପରିସଂଖ୍ୟାନରୁ ଜଣାପଡିଛି। ଏଭଳି ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ବହଳଦା ଶଶ ପଞ୍ଚାୟତ କଲଗି ଗ୍ରାମର ବାସୁଦେବ ସେଠୀ(୬୬) ନିଜ ଖୁଡ଼ିଙ୍କୁ ହତ୍ୟା କରିବା ଅଭିଯୋଗରେ ଆଜୀବନ ଜେଲ୍ ଦଣ୍ଡାଦେଶ ପାଇ ଏବେ ବାରିପଦା ମଣ୍ଡଳ କାରାଗାରରେ ଦିନ ବିତାଉଛନ୍ତି।



କଏଦୀମାନେ ପ୍ରସ୍ତୁତ କରୁଥିବା ସାମଗ୍ରୀ ବାରିପଦା ଜେଲ ସମ୍ମୁଖରେ ବସି ବିକୁଛନ୍ତି ବାସୁଦେବ।

ବାସୁଦେବ ଜେଲରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ କାରାଗାର ସମ୍ମୁଖରେ ବସି ବିକୁଥିବାରୁ ନଅନେକ ଗ୍ରାହକ ଏହି ଏହି ସାମଗ୍ରୀ କିଣିବାକୁ ଆସୁଛନ୍ତି । ଏହି ଅବସରରେ ସେ ଗ୍ରାହକଙ୍କୁ ନିଜ କାହାଣୀ ଶୁଣାଇ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ସେ ଜୀବନରେ କିଭଳି ଭୁଲ କରିଛନ୍ତି ବୁଝାଉଛନ୍ତି। ଜୀବନ କାହାଣୀ କହିଲାବେଳେ ତାଙ୍କ ଆଖି ଲୁହରେ ଭରି ଯାଥାଏ ବୋଲି ଜଣେ ଗ୍ରାହକ କହିଛନ୍ତି।

ବାସୁଦେବ ସ୍ତ୍ରୀ, ୨ ଝିଅ ଓ ୨ ପୁଅଙ୍କୁ ନେଇ ସୁଖର ସଂସାର ପାତିଥିଲେ। ଦୀର୍ଘ ବର୍ଷ ପୂର୍ବେ ତାଙ୍କ ମା'ଙ୍କ ମୃତ୍ୟୁ ଘଟିଥିଲା। ୧୫ ବର୍ଷ ତଳେ ହଠାତ୍ ତାଙ୍କ ବାପାଙ୍କର ମୃତ୍ୟୁ ହେଲା। ପରେ ତାଙ୍କ ସ୍ତ୍ରୀ ଓ ଭାଇ ବୋହୂଙ୍କର ମୃତ୍ୟୁ ହୋଇଥିଲା। ବଡ ପୁଅଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ରହୁ ନ ଥିବାରୁ ସେ ଅନ୍ଧବିଶ୍ୱାସକୁ ସତ ମାନି ନିଜ ଖୁଡ଼ୀଙ୍କୁ ଏଥିପାଇଁ ଦାୟୀ କରିଥିଲେ। ସେ ଡ଼ାହାଣୀ ସାଜି ଏଭଳି କାଣ୍ଡ ଘଟାଉଥିବା ସେ ସନ୍ଦେହ କରିଥିଲେ। ଦିନେ ମଦ ନିଶାରେ ଥିବାବେଳେ ଖୁଡ଼ୀଙ୍କ ସହିତ ତାଙ୍କର ପାଟିତୁଣ୍ଡ ହୋଇଥିଲା। ବାସୁଦେବ ରାଗି ଯାଇ ଏକ ବାଡ଼ିରେ ଖୁଡ଼ୀଙ୍କୁ ପିଟିବାର ତାଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ରାଇରଙ୍ଗପୁର ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯିବା ପରେ ସେଠାରେ ମୃତ୍ୟୁ ଘଟିଥିଲା। ଏହି ହତ୍ୟା ଘଟଣାରେ ସେ ମର୍ମାହତ ହୋଇ ନିଜେ ଥାନାକୁ ଯାଇ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ମାମଲାର ବିଚାର ପରେ ସେ ଆଜୀବନ ସଜା କାଟିବା ଅବସରରେ ନିଶା ସେବନ ଓ ଡାହାଣୀ ସନ୍ଦେହର କୁପରିଣାମ କଥା ସମସ୍ତଙ୍କୁ ଶୁଣାଇ ପଶ୍ଚାତାପ କରୁଛନ୍ତି। ବାରିପଦା ମଣ୍ଡଳ କାରାଗାରର ଅଧୀକ୍ଷକ କୁଳମଣୀ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ବାସୁଦେବଙ୍କ ବ୍ୟବହାରରେ ପରିବର୍ତ୍ତନ ଆସିଥିବାରୁ ତାଙ୍କୁ ସାମଗ୍ରୀ ବିକ୍ରି ଦାୟିତ୍ୱ ଦିଆଯାଇଛି। ହାଇକୋର୍ଟରେ ତାଙ୍କ ଜାମିନ ମଞ୍ଜୁର ହୋଇଥିଲେ ମଧ ଓକିଲଙ୍କୁ ଦେବାକୁ ଆବଶ୍ୟକ ଫିସ ଅଭାବାରୁ ସେ ଜାମିନରେ ଯାଇପାରୁ ନାହାନ୍ତି । ସେ ଜେଲରେ ଦୀର୍ଘ ୭ ବର୍ଷ ଧରି ସାମଗ୍ରୀ କିକ୍ରି କାର୍ଯ୍ୟ କରି ମଜୁରି ବାବଦକୁ ପାଉଥିବା ଟଙ୍କା ଘର ଖର୍ଚ୍ଚ ପାଇଁ ନିଜ ଝିଅ ପୁଅଙ୍କ ପାଖକୁ ପଠାଉଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟେଁ ଟେଁୟା ସାରୀ**
**ଚିକ୍କଣିଆ ଭଣ୍ଡାରି**
**ଚାହିଁ ଜଳକୀ ବିଟପୀ ନାରୀ**
**ସଖୀ ବଡ଼ ମନ୍ଦ ଏ ।**

ଅହରହ ରାବ କରୁଥିବା ସାରୀକୁ କେହି ଆଦର କରି ନ ଥାନ୍ତି। ଚିକ୍କଣିଆ କଥା କହୁଥିବା ବ୍ୟକ୍ତି କେବେ ବି ବିଶ୍ୱାସ ବା ଭରସାଯୋଗ୍ୟ ହୋଇପାରି ନ ଥାନ୍ତି। ସେହିପରି ବ୍ୟଭିଚାରିଣୀ ନାରୀକୁ କେହି ସାଦରେ ଗ୍ରହଣ କରି ନ ଥାନ୍ତି। ଏମାନେ ସମସ୍ତେ ଖରାପ ସ୍ୱଭାବର ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଡେଇଁ ଡେଇଁ ଗଲା ଧଣ୍ଡ**
**ଡାମରା କାଉକୁ ଓଢ଼ଣା ପଡୁଛି**
**ଡମକୁ ହଲାଉ ମୁଣ୍ଡ ।**

ଧଣ୍ଡସାପ ବିଷହୀନ। ଡାମରା କାଉ ଦେଖିଦେଲେ କାଳେ ଖୁମ୍ପି ଦେବ ସେହି ଭୟରେ ସେ ଲୁଚିଯିବାକୁ ଶ୍ରେୟ ମଣିଥାଏ। ଡାମରା କାଉର ଆଢୁଆଳରେ ରହି ବର୍ତ୍ତିଯାଇଥିବା ଧଣ୍ଡସାପ ନିଜକୁ ବଡ଼ ବୋଲି ଦେଖାଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ ବରଂ ଏହା ତା'ର ନିର୍ବୋଧତା ବୋଲି ବୁଝାପଡ଼ିଥାଏ। ସବଳ ବ୍ୟକ୍ତିର ଅଲକ୍ଷ୍ୟରେ ଦୁର୍ବଳ ବ୍ୟକ୍ତି ନିଜ ଅହଙ୍କାର ପଣିଆ ଦେଖେଇହେବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଜାତୀୟ ସଂହତି ଶିବିରରେ ଏନ୍‌ଓୟୁର ସ୍ୱେଚ୍ଛାସେବୀ ଦଳ





ଜାତୀୟ ସଂହତି ଶିବିରରେ ଏନଓୟୁ ଏନଏସଏସ ସ୍ୱେଚ୍ଛାସେବୀ ଦଳ।

**ବାରିପଦା ଅଫିସ,୨୭।୩**

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ (ଏନଓୟୁ) ଏନଏସଏସ ସ୍ୱେଚ୍ଛାସେବୀ ଦଳ ଚଣ୍ଡୀଗଡର ମୋହାଲିଠାରେ ଅନୁଷ୍ଠିତ ଜାତୀୟ ସଂହତି ଶିବିର (ନ୍ୟାଶନାଲ ଇଣ୍ଟିଗ୍ରେସନ କ୍ୟାମ୍ପ)ରେ ଯୋଗଦେଇଛନ୍ତି। ବାରିପଦା ମହାରାଜପୁର ସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଏନଏସଏସ ପ୍ରୋଗ୍ରାମ ଅଫିସର ମୀରା ସେନାପତିଙ୍କ ନେତୃତ୍ୱରେ ଏହି ଦଳ ସେଠାକୁ ଯାଇଛନ୍ତି। ଗତ ୨୪ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଶିବିର ୩୦ତାରିଖି ପର୍ଯ୍ୟନ୍ତ ଚାଲିବ। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏନଏସଏସ ସ୍ୱେଚ୍ଛାସେବୀ ଦଳରେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟରୁ ପଲ୍ଲବୀ ଦାଶ, ସଂଗୀତା ସରେନ, ଦିବ୍ୟଜ୍ୟୋତି ଗିରି,ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟରୁ ସୁଯୋଗ୍ୟ କୁମାର ପଟ୍ଟନାୟକ, ଦୀପେନ୍ଦ୍ର ସିଂହ ରାଥଡ,ସୀମାନ୍ତ ମହାବିଦ୍ୟାଳୟରୁ ଜନ୍ମେଜୟ ଗିରି, ସାଇକ୍ରିଷ୍ଣା ତ୍ରିପାଠୀ, ବାଇଗଣବାଡିଆ ମହାବିଦ୍ୟାଳୟରୁ ଭବାନୀଶଙ୍କର ସିଂହ, ଶ୍ରୀକୃଷ୍ଣ ନାୟକ, ଶ୍ରୀରାମଚନ୍ଦ୍ର ଡିଗ୍ରୀ ମହାବିଦ୍ୟାଳୟର ସାଗର କୁମାର ନାଏକ, ସୁବ୍ରତ କୁମାର ମହାନ୍ତ, ଶ୍ରୀମା ମହିଳା ମହାବିଦ୍ୟାଳୟରୁ ଦେବଶ୍ରୀ ସେଠୀ ଓ ଗାୟତ୍ରୀ ନାଏକ ପ୍ରମୁଖ ଯୋଗଦେଇଥିବା ଜଣାପଡ଼ିଛି।

## ଘରଡ଼ିହ ଜମି ଯୋଗାଣ ଠକେଇ ନେଇ ତନାଘନା

**ଉଦଳା, ୨୭।୩ (ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ଉଦଳା ଅଞ୍ଚଳରେ ଘରଡ଼ିହ ଜମି ଯୋଗାଣ ନାମରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ହେବା ଘଟଣା ନେଇ ପୋଲିସ ତନାଘନା ଆରମ୍ଭ କରିଛି। ଏସମ୍ପର୍କରେ ଉଦଳା ଓ କପ୍ତିପଦା ଅଞ୍ଚଳର କେତେକ ବ୍ୟକ୍ତି ଉଦଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଟଙ୍କା ଠକି ନେଇଥିବା ଜଣେ ଜମି ଦଲାଲଙ୍କୁ ମଙ୍ଗଳବାର ସ୍ଥାନୀୟ ଲୋକେ ଧରି ପୋଲିସକୁ ହସ୍ତାନ୍ତର କରିବା ପରେ ତାଙ୍କୁ ଥାନାରେ ଅଟକ ରଖି ଜେରା କରାଯାଉଛି। ଉଦଳା ଥାନା ଆଇଆଇସି ସନାତନ ସାହୁଙ୍କୁ ଏ ସମ୍ପର୍କରେ ପଚାରିବାରୁ କହିଲେ, ଛାନ୍‌ଭିନ ଚାଲିଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ। ଉଦଳାର ବିଜୟ ପଣ୍ଡା, ହେମନ୍ତ କୁମାର କର, ଆଲୋକ କୁମାର ବେହେରା, ତାପସ ରଞ୍ଜନ ମହାନ୍ତି ଏବଂ ଶିରୀଶ ଚନ୍ଦ୍ର ରାଉଳ ଏଭଳି ଠକେଇର ଶିକାର ହୋଇଥିବା ନେଇ ପୋଲିସରେ ଅଭିଯୋଗ ହୋଇଛି।

# ତାଲିମ ନେଲେ ୩୩୫ ପ୍ରିଜାଇଡିଂ, ୩୯୧ ପୋଲିଂ ଅଧିକାରୀ

**ଉଦଳା, ୨୭।୩ (ଡି.ଏନ.ଏ)**

ସାଧାରଣ ନିର୍ବାଚନ ପରିଚାଳନା ସକାଶେ ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡ ଲାଗି ନିଯୁକ୍ତି ପାଇଥିବା ପ୍ରିଜାଇଡିଂ ଓ ପ୍ରଥମ ପୋଲିଂ ଅଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ତାଲିମ ପ୍ରଦାନ କରାଯାଇଛି। ଗତ ୨୩ ତାରିଖରୁ ଏହି ତାଲିମ କାର୍ଯ୍ୟ ଆରମ୍ଭ ହୋଇ ବୁଧବାର ଶେଷ ହୋଇଛି । ଉଦଳା ନିର୍ବାଚନମଣ୍ଡଳୀ ପାଇଁ ରିଟର୍ନିଂ ଅଧିକାରୀ ଦାୟିତ୍ୱରେ ଥିବା ଉପଜିଲାପାଳ ଭଗବାନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ଟି କେନ୍ଦ୍ରରେ ଏହି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମାଷ୍ଟର ଟ୍ରେନର ଭାବେ ଉଦଳା ହାଇସ୍କୁଲ ହଲ୍ କେନ୍ଦ୍ରରେ କପ୍ତିପଦା ବିଡିଓ ରବୀନ୍ଦ୍ର କୁମାର ବେହେରା, ଉଦଳା ବ୍ଲକ ହଲ୍ କେନ୍ଦ୍ରରେ ଗୋପବନ୍ଧୁନଗର ବିଡିଓ ମନୋଜ କୁମାର ବେହେରା, କପ୍ତିପଦା ବିଇଓ ଶଶୀଧର ସିଂ, ଉଦଳା ତହସିଲଦାର ମନୀଷା ମଧୁଲିକା ହେମ୍ବ୍ରମ୍, ଆଇଟିଡିଏ ସନ୍ଧାନ ଗୃହରେ ଗୋପବନ୍ଧୁନଗର ତହସିଲଦାର ସ୍ୱସ୍ତିକ ସଙ୍କଳ୍ପ ସାହୁ, ସହକାରୀ ଜିଲାପାଳ ଗୌରହରି ମହାନ୍ତ, ଗୋପବନ୍ଧୁନଗର ବିଇଓ ରାଜେଶ କୁମାର ପ୍ରଧାନ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଭିଭିପାଟ୍, ଇଭିଏମ ପରିଚାଳନା ଲାଗି ମକ ପୋଲିଂ କରାଯାଇଥିଲା। ଉପଜିଲାପାଳ ପ୍ରତିଦିନ ୩ଟି ଯାକ କେନ୍ଦ୍ରକୁ ଯାଇ କାର୍ଯ୍ୟକ୍ରମର ତତ୍ତ୍ୱାବଧାନ କରିଥିଲେ। ବିଭିନ୍ନ ପ୍ରଶ୍ନୋତ୍ତର ଜରିଆରେ ତାଲିମ୍ ଦିଆଯାଇଥିଲା।

ମୟୂରଭଞ୍ଜ ଜିଲାପାଳ ବିନିତ ଭରଦ୍ୱାଜ ଓ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଳ ଉଦଳା ଗସ୍ତରେ ଆସି ୨୫ ତାରିଖରେ ଉଦଳା ବ୍ଲକ ହଲ ଓ ସନ୍ଧାନ ଗୃହରେ ଚାଲିଥିବା ଦୁଇଟି ତାଲିମ ପ୍ରଦାନ କେନ୍ଦ୍ର ପରିଦର୍ଶନ କରିଥିଲେ । ସେହିପରି ରାଜ୍ୟସ୍ତରୀୟ ମାଷ୍ଟର ଟ୍ରେନର ଭାବେ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ପ୍ରତାପ କୁମାର ମିଶ୍ର ଏବଂ ମାର୍କଫେଡ୍ ମ୍ୟାନେଜିଂ ଡାଇରେକ୍ଟର ଗତ ୨୫ ଏବଂ ୨୭ ତାରିଖରେ ଉଦଳାସ୍ଥିତ ୩ ତାଲିମ୍ କେନ୍ଦ୍ର ପରିଦର୍ଶନ କରିଥିଲେ। ୩୪୦ ପ୍ରିଜାଇଡିଂ ଅଧିକାରୀଙ୍କୁ ମିଶାଇ ମୋଟ ୩୩୫ ଜଣ ତାଲିମ ଗ୍ରହଣ କରିଥିଲେ। ପ୍ରଥମ ପୋଲିଂରେ ୪୦୧ ରୁ ୩୯୧ ଜଣ ଭାଗ ନେଇଛନ୍ତି । ୫ ଜଣ ପ୍ରିଜାଇଡିଂ ଓ ୧୦ ଜଣ ପ୍ରଥମ ପୋଲିଂ ଅଧିକାରୀ ଅନୁପସ୍ଥିତ ଥିବାରୁ ସମୁଦାୟ ୭୪୧ ରୁ ୭୨୬ ଜଣ ତାଲିମ୍ ଗ୍ରହଣ କରିଛନ୍ତି।

# ଶିକ୍ଷାବର୍ଷ ସରିଲାଣି: ମିଳିନି ଅନୁଦାନ ରାଶି

**ବଡ଼ସାହି,୨୭।୩(ସ୍ୱ.ପ୍ର.)**

ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ଅର୍ଥ ରାଶି ପ୍ରଦାନରେ ବିଳମ୍ବ କରାଯାଉ ଥିବାରୁ ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଉନ୍ନୟନ କାର୍ଯ୍ୟ ଠିକ୍ ଭାବେ ହୋଇ ପାରୁନାହିଁ । ପ୍ରତିବର୍ଷ ଶିକ୍ଷାବର୍ଷ ଶେଷ ହେବା ବେଳକୁ ତରବରିଆ ଭାବେ ଏହି ଅନୁଦାନ ରାଶି ଦିଆଯାଇ ଏପ୍ରିଲ ମାସରେ ୧୫ଦିନ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ତାଗିଦ କରାଯାଇଥାଏ । ସ୍ୱଳ୍ପ ସମୟ ମଧ୍ୟରେ କାମ ନ ହେଲେ ସ୍କୁଲଗୁଡ଼ିକୁ ଭାଉଚର ଦେବାକୁ ବାଧ କରାଯାଇଥାଏ । ଚଳିତ ଶିକ୍ଷାବର୍ଷ ଶେଷ ହେବାକୁ ଆଉ ଦୁଇଦିନ ବାକି ବେଳେ ଅଦ୍ୟାବଧି କୌଣସି ଶିକ୍ଷାନୁଷ୍ଠାନକୁ ଅନୁଦାନ ରାଶି ମିଳି ନାହିଁ । ଏ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବଡ଼ସାହି ବ୍ଲକରେ ମୋଟ ୨୧୪ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି । ସେଥିମଧ୍ୟରୁ ପ୍ରାଥମିକ ସ୍କୁଲକୁ ପ୍ରତିବର୍ଷ ସ୍କୁଲ ଇମ୍ପ୍ରୁଭମେଣ୍ଟ ଗ୍ରାଣ୍ଟ ବାବଦକୁ ୫ହଜାର, ମରାମତି ଆଦି କାର୍ଯ୍ୟ ବାବଦରେ ୭ହଜାର ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ୧୦ରୁ ୧୨ହଜାର ଟଙ୍କା ଉନ୍ନୟନ ପାଣ୍ଠି ବାବଦରେ ପ୍ରଦାନ କରାଯାଇଥାଏ ବୋଲି ଜଣାପଡିଛି। କିନ୍ତୁ ବିଳମ୍ବରେ ଅନୁଦାନ ରାଶି ଦିଆଯାଉ ନ ଥିବାରୁ ଉକ୍ତ ଅର୍ଥର ଉପଯୁକ୍ତ ବିନିଯୋଗ ହେଉ ନ ଥିବା ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ଆବାହକ ସଚ୍ଚିଦାନନ୍ଦ ମହାନ୍ତି ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷେ ଜାଲ୍ ଭାଉଚର କରି ଅର୍ଥ ହଡ଼ପ କରାଯାଉଥିବା ଅଭିଭାବକମାନେ ଅଭିଯୋଗ କରି ମୟୂରଭଞ୍ଜ ଜିଲାପାଳ ଓ ଜିଲା ପ୍ରକଳ୍ପ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

##### ବେଆଇନ କାଠ ଚାଲାଣ ବେଳେ ଗାଡ଼ି ଜବତ କଲେ ଗାଁ ଲୋକେ

# ତଦନ୍ତ ନିର୍ଦ୍ଦେଶ ଦେଲେ ଡିଏଫ୍ଓ

**ବାରିପଦା ଅଫିସ,୨୭।୩**

ବଣ ପାହାଡ଼ ଘେରା ମୟୂରଭଞ୍ଜ ଜିଲାରେ ଦିନକୁଦିନ ବେଆଇନ ଚୋରା କାଠ ଚାଲାଣ ବଢି ଚାଲିଛି। ବନ ବିଭାଗ କାଁଭାଁ ଧରପଗଡ଼ କରୁଥିଲେ ମଧ କାଠ ବେପାରୀଙ୍କ ଉପରେ ପ୍ରଭାବ ପଡୁନାହିଁ। ବୁଧବାର ବାରିପଦା ବନଖଣ୍ଡ ଅଧୀନ ବେତନଟିଠାରେ ସରକାରୀ ଅନୁମତି ପତ୍ର ଥିବା ଆଳରେ ଟ୍ରକରେ ଓଭର ଲୋଡିଂ କରି ବେଆଇନ ଭାବେ କାଠ ଚାଲାଣ ହେବା ଘଟଣା ପଦାକୁ ଆସିଛି। ସ୍ଥାନୀୟ ଲୋକେ ସନ୍ଦେହ କରି ୨ଟି କାଠ ବୋଝେଇ ଟ୍ରକ ଅଟକାଇ ପୋଲିସ ଜିମା ଦେଇଛନ୍ତି । ଏହି ଘଟଣାକୁ ଗୁରୁତର ଭାବେ ଗ୍ରହଣ କରି ବନ ବିଭାଗ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛି। ବେତନଟି ନିକଟସ୍ଥ କରମଶୋଳ ଗ୍ରାମ ଆଖପାଖରେ ଏବେ ସୁବର୍ଣ୍ଣରେଖା କେନାଲ ଖୋଳା କାର୍ଯ୍ୟ ଚାଲିଛି। କେନାଲ ଯାଉଥିବା ରାସ୍ତାରେ ପଡୁଥିବା ଗଛକୁ ବନ ବିଭାଗର ଅନୁମତି ନେଇ କଟାଯାଉଛି। ବନ ବିଭାଗ ପକ୍ଷରୁ ଏହି କାଠ ଓଡ଼ିଶା ଫରେଷ୍ଟ ଡେଭଲପମେଣ୍ଟ କରପୋରେଶନ( ଓଏଫଡିସି)କୁ ବିକ୍ରୟ କରାଯାଉଛି। ବନ ବିଭାଗର ଓଏଫଡିସିଙ୍କଠାରୁ ପରମିଟ୍ ନେଇ ଉକ୍ତ କାଠକୁ ବାରିପଦାସ୍ଥିତ ଡିପୋକୁ ଅଣାଯାଉଛି। ଏହାକୁ ପରେ ନିଲାମ କରି ବିକ୍ରୟ କରାଯିବ। ସମ୍ପ୍ରତି କରମଶୋଳ ଜଙ୍ଗଲରେ କେନାଲ ଖୋଳାଯିବା ସକାଶେ ଚିହ୍ନଟ ସ୍ଥାନରୁ କେତେକ ଗଛ କଟାଯିବା ଲାଗି ବନ ବିଭାଗ ଚିହ୍ନଟ କରିଥିଲା। ଏସବୁ ଗଛର ଗଣ୍ଡିକୁ ଓଏଫଡିସି ଡିପୋକୁ ଅଣାଯିବା ଲାଗି ବେତନଟି ରେଞ୍ଜ ପକ୍ଷରୁ ପରମିଟ ଦିଆଯାଇଥିଲା। ତଦନୁଯାୟୀ ଦୁଇଟି ଟ୍ରକରେ ଯଥାକ୍ରମେ ୭୮ ଓ ୬୪ ଟି କାଠଗଣ୍ଡି ନେବାର ଅନୁମତି ରହିଥିଲା। ବୁଧବାର ଏହି କାଠ ନେଇ ଆସୁଥିବା ଦୁଇଟି ଟ୍ରକରେ ଓଭର ଲୋଡିଂ ହୋଇ କାଠ ଆସୁଥିବା ଦେଖି କରମଶୋଳ ଗ୍ରାମବାସୀ ସନ୍ଦେହ ପ୍ରକାଶ କରିଥିଲେ। ସେମାନେ ଟ୍ରକ ଦୁଇଟିକୁ ଅଟକାଇ ବେତନଟି ଥାନା ଅଧୀନ ବଡଜାମବଣି ଫାଣ୍ଡି ପୋଲିସ ଜିମା ଦେଇଥିଲେ। ବନ ବିଭାଗର ପ୍ରାଥମିକ ତଦନ୍ତ ପରେ ଏହି ଗାଡି ଦ୍ୱୟରେ ଅଧିକା କାଠଗଣ୍ଡି ଥିବା ଜଣାପଡିଛି। ଏହାର ବିଧିବଦ୍ଧ ତଦନ୍ତ ଲାଗି ଜଣେ ଆସିଷ୍ଟାଣ୍ଟ କଞ୍ଜରଭେଟର ଅଫ ଫରେଷ୍ଟ( ଏସିଏଫ)ଙ୍କୁ ଦାୟିତ୍ୱ ଦିଆଯାଇଥିବା ବାରିପଦା ବନଖଣ୍ଡ ଅଧିକାରୀ(ଡିଏଫଓ) ସ୍ୱୟମ ମଳିକ କହିଛନ୍ତି ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 20 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Mob.: 8676907143, 9348274623

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରନ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

TARIFF
MORE SPACE • SAME PRICE
* GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

LOAN
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି
ପର୍ସନାଲ, ବ୍ୟବସାୟ
ରାଶନ କାର୍ଡ, ଆଧାର କାର୍ଡ
ଚାଷ, ଏଗ୍ରିକଲ୍‌ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668
8395864708
SCO- 106, Second Floor, Vishal Tower, Cannaught Place, Delhi.

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharaloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

# ଖଳାରେ ପଡ଼ିରହିଛି ବର୍ଷକର ଅମଳ

ଉତ୍କଳବନ୍ଧୁ ପଣ୍ଡା
ଖଇରା, ୨୭।୩

ବାଲେଶ୍ୱର ଜିଲା ଖଇରା ବ୍ଲକରେ ଧାନକିଣା ଉଦ୍‌ବେଗଜନକ ସ୍ଥିତିରେ ରହିଛି। ଆହୁରି ହଜାର ହଜାର ଚାଷୀଙ୍କ ଧାନ ଅଗଣା ଓ ଖଳାରେ ଖରା, ବର୍ଷାରେ ପଡିରହିଛି। ଡିସେମ୍ବରରୁ ଧାନକିଣା ଆରମ୍ଭ ହୋଇଥିଲେ ମଧ୍ୟ ମଝିରେ ବାରମ୍ବାର ବିଭ୍ରାଟ ମିଲରମାନଙ୍କ ଅସହଯୋଗ ଯୋଗୁ ଏ ପର୍ଯ୍ୟନ୍ତ ମାତ୍ର ୫୬ ପ୍ରତିଶତ ଧାନ ପ୍ରାଥମିକ କୃଷି ସେବା ସମବାୟ ସମିତି(ପାକ୍ସ) ମାଧ୍ୟମରେ କିଣାଯାଇ ପାରିଛି। ଅନ୍ୟପକ୍ଷରେ ମାର୍ଚ୍ଚ ୧୬ତାରିଖରୁ ଯୋଗାଣ ବିଭାଗ ଧାନକିଣା ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିବାରୁ ଚାଷୀଙ୍କ ମଧ୍ୟରେ ଭାଳେଣି ପଡିଛି। ସରକାର କେବେ ନିଷ୍ପତ୍ତିରେ ପରିବର୍ତ୍ତନ କରିବେ ଏବଂ ତାଙ୍କ ଧାନ ଖଳାରୁ ଉଠିବ ଏନେଇ ଖଇରା ବ୍ଲକର ଚାଷୀକୁଳ ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା କରି ରହିଛନ୍ତି। ଯଦି ଧାନକିଣା ସମ୍ପର୍କରେ ସରକାର କୌଣସି ନିଷ୍ପତ୍ତି ନ ନିଅନ୍ତି ତେବେ ସେମାନେ କେବଳ ଯେ ଆନ୍ଦୋଳନକୁ ଓହ୍ଲାଇବେ ତାହା ନୁହେଁ ବରଂ ଆଗାମୀ ନିର୍ବାଚନରେ ସରକାରଙ୍କୁ ଏହାର ଫଳ ଭୋଗିବାକୁ ପଡିବ ବୋଲି ଶହ ଶହ ଚାଷୀ ଚେତାବନୀ ଦେଇଛନ୍ତି।

ଖଇରା ବ୍ଲକର ୧୪ଟି ପ୍ରାଥମିକ କୃଷି ସେବା ସମବାୟ ସମିତି ଜରିଆରେ ୯ହଜାର ଚାଷୀଙ୍କଠାରୁ ୪ଲକ୍ଷ ୬ହଜାର ୬୫୬ କୁଇଣ୍ଟାଲ ଧାନ କିଣିବାକୁ ଅନଲାଇନରେ ପଞ୍ଜୀକରଣ କରାଯାଇଥିଲା। ଡିସେମ୍ବର ଶେଷ ସୁଦ୍ଧା ୧ଲକ୍ଷ ୩୧ହଜାର ୯୧୦କୁଇଣ୍ଟାଲ ଧାନ କିଣାଯାଇଥିଲା। ଫେବୃୟାରୀ ୧୫ତାରିଖ ସୁଦ୍ଧା ୧ଲକ୍ଷ ୭୪ହଜାର ୩୧ କୁଇଣ୍ଟାଲ ଧାନ କିଣା ଯାଇଥିବା ବେଳେ ହଠାତ୍ ସରକାର ଫେବୃୟାରୀ ୨୮ତାରିଖରୁ ଧାନକିଣା ବନ୍ଦ କରିବାକୁ ବାଲେଶ୍ୱର ଜିଲାପାଳଙ୍କୁ ଚିଠି କରିବା ସହ ସମସ୍ତ ପାକ୍ସକୁ ଜଣାଇ ଦିଆଯାଇଥିଲା। ସେତେବେଳକୁ ମାତ୍ର ୪୨ପ୍ରତିଶତ ଧାନ କିଣାଯାଇଥିବାରୁ ଉତ୍ତ୍ୟକ୍ତ ଚାଷୀଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସରକାର ତରବରିଆ ଭାବେ ଧାନ ପୁନଃକ୍ରୟ କରିବାକୁ ଘୋଷଣା କରିଥିଲେ। ଫେବୃୟାରୀ ୧୮ତାରିଖରେ ବିଭାଗୀୟ ସଚିବ ଭି.ଭି. ଯାଦବ ବାଲେଶ୍ୱର ସମେତ ଅନ୍ୟ ୧୮ଟି ଜିଲାରେ ଚାଷୀଙ୍କ ନିକଟରୁ ଧାନ ଶେଷ ହେବା ପର୍ଯ୍ୟନ୍ତ କିଣା ଚାଲୁ ରଖିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏବେ ମାର୍ଚ୍ଚ ୧୫ ସୁଦ୍ଧା ୨ଲକ୍ଷ ୨୭ହଜାର ୬୮୯ କୁଇଣ୍ଟାଲ ଅର୍ଥାତ ୫୬ ପ୍ରତିଶତ ଧାନକିଣା ଯାଇଥିବା ବେଳେ ଧାନ କିଣାକୁ ପୁନଶ୍ଚ ବନ୍ଦ କରି ଦିଆଯିବା ଚାଷୀଙ୍କୁ ବିସ୍ମିତ କରିଛି। ଏଭଳି ହଠାତ୍ ଧାନକିଣାକୁ ବନ୍ଦ କରିବାରେ ଚାଷୀଙ୍କ ପ୍ରତି ସରକାରଙ୍କ ଆନ୍ତରିକତାକୁ ପ୍ରମାଣିତ କରୁଛି ବୋଲି ମିର୍ଜାପୁର ସମିତି ଅଧୀନ ଚାଷୀ କୈଳାସ ଚନ୍ଦ୍ର ପୃଷ୍ଟି କହିଛନ୍ତି। ଯଦି ଧାନ ଚାଷୀଙ୍କ ନିକଟରୁ ସରିବା ଯାଏ କିଣା ନ ଯାଏ ତେବେ ଏହାର ପ୍ରତିଫଳନ ଆଗାମୀ ନିର୍ବାଚନରେ ନିଶ୍ଚୟ ପଡିବ ବୋଲି ସାଲୋ ଗ୍ରାମର ଚାଷୀ ବିଜୟ ଦାଶ କହିଛନ୍ତି। ସେହିପରି ମାଣିତ୍ରୀ ସେବା ସମବାୟ ସମିତି ଅଧୀନ ଶତାଧିକ ଚାଷୀ ୩୦ ତାରିଖ ସୁଦ୍ଧା ଧାନ କିଣା ନ ହେଲେ ସମିତି ଆଗରେ ଧାରଣାରେ ବସିବାକୁ ମଙ୍ଗଳବାର ବାଲେଶ୍ୱର ଜିଲାପାଳଙ୍କୁ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ବିଭାଗ ଅଧିକାରୀ ରବିନାରାୟଣ ପୃଷ୍ଟିଙ୍କ ସହ ଯୋଗାଯୋଗ କରିବାରେ ପୁଣି ଧାନ କିଣିବା ପାଇଁ ଆଲୋଚନା ଚାଲିଛି ବୋଲି କହିଛନ୍ତି।


ଖଇରା ବ୍ଲକର ଏକ ଗ୍ରାମରେ ଜଣେ ଚାଷୀ ଖଳାରେ ଧାନକୁ ବିକ୍ରି କରିବାକୁ ଅପେକ୍ଷା କରିଛନ୍ତି।

- ଉଦ୍‌ବେଗଜନକ ସ୍ଥିତିରେ ଧାନ କିଣା
- ମାର୍ଚ୍ଚ ୧୫ ସୁଦ୍ଧା କିଣା ହୋଇଛି ୫୬ ପ୍ରତିଶତ ଧାନ

## ସଂକ୍ଷେପରେ

### ୨୨ ଗ୍ରାମ୍ ହେରୋଇନ୍ ଜବତ, ଜଣେ ଗିରଫ



**ବାଲେଶ୍ୱର ଅଫିସ,୨୭।୩:** ବାଲେଶ୍ୱର ଜିଲା ଅବକାରୀ ବିଭାଗର ଭ୍ରାମ୍ୟମାଣ ଟିମ୍ ଦ୍ୱାରା ବୁଧବାର ପୂର୍ବାହ୍ନ ୭ଟା ସମୟରେ ଆନନ୍ଦବଜାର ରେଳ ଲେବଲ କ୍ରସିଂ ଠାରୁ ଅମରେନ୍ଦ୍ର ବିଶ୍ୱାଳ ନାମକ ଜଣେ ଯୁବକଙ୍କୁ ଗିରଫ କରିବା ସହ ୨୨ ଗ୍ରାମ୍ ହେରୋଇନ୍ ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ ୫୦ହଜାରରୁ ଊର୍ଦ୍ଧ୍ୱ। ତାଙ୍କ ଘର ଖନ୍ତାପଡ଼ା ଥାନା ଅଧୀନ ବାହାନଗା ନିକଟସ୍ଥ କମାରିପୁର ଗ୍ରାମରେ। ବୁଧବାର ପୂର୍ବାହ୍ନ ସମୟରେ ଭ୍ରାମ୍ୟମାଣ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ହଠାତ୍ ଜଣେ ଯୁବକ ପାଟ୍ରୋଲିଂ ଗାଡ଼ିକୁ ଦେଖି ଦୌଡ଼ିବାକୁ ଲାଗିଥିଲେ। ସନ୍ଦେହରେ ତାଙ୍କୁ ଗିରଫ କରାଯାଇଛି। ଅମରେନ୍ଦ୍ରଙ୍କ କହିବାନୁସାରେ ଟ୍ରେନ୍ ଲାଇନ୍ ଉପରେ ଜଣେ ମହିଳାଙ୍କଠାରୁ ସେ ଏହି ବ୍ରାଉନ୍‌ସୁଗାର କିଣିଥିଲେ। ତେବେ ତାଙ୍କର ପରିଚୟ ସେ କହି ନ ଥିଲେ। ଏନେଇ ପୋଲିସ ଥାନାରେ ଏକ ମାମଲା (ନଂ.୧୬୭/୧୮-୧୯) ରୁଜୁ କରି ଅମରେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରିଛି। ଭ୍ରାମ୍ୟମାଣ ନିରୀକ୍ଷକ ଉଦେଲାଲ ନାୟକଙ୍କ କହିବାନୁସାରେ ଅମରେନ୍ଦ୍ର ବାଙ୍ଗାଲୋରରେ ଏକ କମ୍ପାନୀରେ କାମ ଛାଡ଼ି ବର୍ଷେ ପୂର୍ବରୁ ଗ୍ରାମକୁ ଫେରି ଆସିଥିଲେ। ସେହିଦିନରୁ ଟ୍ରେନ୍‌ରେ ଯା'ଆସ କରି ବାଲେଶ୍ୱର ଅରଡ଼ବଜାରରୁ ହେରୋଇନ୍ କିଣି ନେଇ ଖନ୍ତାପଡ଼ା ଥାନାର ବିଭିନ୍ନ ଅଞ୍ଚଳରେ ବିକ୍ରି କରିବା ସହ ଛୋଟ ବେପାରୀଙ୍କୁ ଚାଲାଣ କରିଆସୁଥିବାର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ମୋବାଇଲ ଲୁଟେରା ଗିରଫ

**ଜଳେଶ୍ୱର,୨୭।୩(ଡି.ଏନ.ଏ.):** ବୁଧବାର ପୂର୍ବାହ୍ନ ୬ଟା୫୦ରେ ଏର୍ଣ୍ଣାକୁଲମ-ପାଟଣା ସୁପରଫାଷ୍ଟ ଟ୍ରେନ୍ ଜଳେଶ୍ୱର ରେଳ ଷ୍ଟେଶନ ୨ ନଂ. ପ୍ଲାଟଫର୍ମରୁ ଯାତ୍ରା ଆରମ୍ଭ କରୁଥିବା ସମୟରେ ଜଣେ ରେଳଯାତ୍ରୀ ହାତରୁ ପଶ୍ଚିମବଙ୍ଗ ରାଜ୍ୟର ଖଡ଼ଗପୁର ଅଞ୍ଚଳର ଅବଦୁଲ ରେହମାନ ନାମକ ୩୨ ବର୍ଷୀୟ ଯୁବକ ଏକ ମୋବାଇଲ ଫୋନ୍ ଛିନ୍‌ତାଇ କରି ପଳାଉଥିବା ବେଳେ ଯାତ୍ରୀ ଜଣକ ଚଳନ୍ତା ଟ୍ରେନ୍‌ରୁ ଓହ୍ଲାଇ ଲୁଟେରାକୁ କାବୁ କରିଥିଲେ। ଯାତ୍ରୀମାନେ ଉକ୍ତ ଲୁଟେରାକୁ ଉତ୍ତମମଧ୍ୟମ ଦେଇ ରେଳବାଇ ପୋଲିସକୁ ହସ୍ତାନ୍ତର କରିଥିଲେ। ରେଳବାଇ ଥାନାରେ କେହି ଏତଲା ନ ଦେବାରୁ ରେଳବାଇ ପୋଲିସ ଉକ୍ତ ଯୁବକକୁ ଚେନ୍ ପୁଲିଂ ମାମଲାରେ କୋର୍ଟ ଚାଲାଣ କରିଛି ବୋଲି ଜଳେଶ୍ୱର ରେଳଷ୍ଟେସନ ମ୍ୟାନେଜର ଖଗେନ୍ଦ୍ରନାଥ ମଣ୍ଡଳ ସୂଚନା ଦେଇଛନ୍ତି।

### ଏମ.ଏ.ଆଲାମଙ୍କ ବିୟୋଗରେ ସ୍ମୃତିଚାରଣ

**ବାଲେଶ୍ୱର ଅଫିସ,୨୭।୩:** ଓଡ଼ିଶା ଅଲିମ୍ପିକ ଆସୋସିଏଶନର ସାଧାରଣ ସମ୍ପାଦକ ଏମ.ଏ.ଆଲାମଙ୍କ ଅକସ୍ମାତ୍ ବିୟୋଗରେ ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ତରଫରୁ ଏକ ଶୋକସଭାର ଆୟୋଜନ ହରମୋହନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଉପସ୍ଥିତ ନିମ୍ନଲିଖିତ ସଭ୍ୟମାନେ ଆଲାମ ବାବୁଙ୍କର କ୍ରୀଡ଼ା କ୍ଷେତ୍ରରେ ଜଣେ ଦକ୍ଷ ସଙ୍ଗଠକ ହିସାବରେ ତାଙ୍କର ଅବଦାନ ବିଷୟରେ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ଅଭୟ ମହାପାତ୍ର, ବୀରେନ୍ଦ୍ର ସ୍ୱାଇଁ ଓ ପ୍ରଦୀପ ଦାସ ଆଲୋକପାତ କରିଥିଲେ। ସେ ଜଣେ ନିର୍ବିବାଦୀୟ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ତାଙ୍କ ବିୟୋଗରେ ଓଡ଼ିଆ କ୍ରୀଡ଼ା ଜଗତର ଏକ ଅପୂରଣୀୟ କ୍ଷତି ଘଟିଲା। ତାଙ୍କର ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ତରଫରୁ ସମବେଦନା ଜ୍ଞାପନ କରାଯାଇଥିଲା। ସଭାରେ ଅମର ମହାନ୍ତି, କାର୍ତ୍ତିକ ଚନ୍ଦ୍ର ନାୟକ, ସୁକାନ୍ତ ନାୟକ, ସନ୍ତୋଷ ଦାସ, ସେକ ଅବଦୁଲ ମଜିଦ, ଜଗଦୀଶ ବେହେରା, ସାଦିକ୍ ଅଲ୍ଲୀ ଖାଁ, ସୁଜୟ କୁମାର ଆଚାର୍ଯ୍ୟ, ସଞ୍ଜିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସେଲ୍‌ଫିକୁ ନେଇ ଲଙ୍କାକାଣ୍ଡ

ବାଲେଶ୍ୱର ଅଫିସ,୨୭।୩

**ଉଭୟ ଥାନାର ଦ୍ୱାରସ୍ଥ**

ବାଲେଶ୍ୱର ଚିଡ଼ିଆପୋଲ ନିକଟସ୍ଥ ଏକ ରେଷ୍ଟୁରାଣ୍ଟରେ ବୁଧବାର ସନ୍ଧ୍ୟା ୬ଟା ସମୟରେ ଟିଫିନ୍ କରୁଥିବାବେଳେ ଦୁଇ ମହିଳାଙ୍କ ମଧ୍ୟରେ ସେଲ୍‌ଫି ଉଠାଇବାକୁ ନେଇ ପାଟିତୁଣ୍ଡ ପରେ ମାରପିଟ୍ ହେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଟାଉନ୍ ଥାନାରେ ଅଟକ ରଖିଛି। ଘଟଣାରୁ ପ୍ରକାଶ, ୪ଜଣ ମହିଳା ବାଲେଶ୍ୱର ଡାକ୍ତରଖାନାରୁ ରୋଗୀ ଦେଖାଇବା ପରେ ଚିଡ଼ିଆପୋଲ ସ୍ଥିତ ଏକ ରେଷ୍ଟୁରାଣ୍ଟରେ ଟିଫିନ୍ କରୁଥିଲେ। ସାମ୍ନାରେ ଜଣେ ଯୁବତୀ ଏବଂ ତାର ଯୁବକ ସାଙ୍ଗ ସହ ଟିଫିନ୍ କରୁଥିଲେ। ଉକ୍ତ ୪ଜଣ ମହିଳା ସେମାନଙ୍କର ସେଲ୍‌ଫି ନେଉଥିଲେ। ହଠାତ୍ ଯୁବତୀ ଜଣକ ଉଠିଆସି ମୋ ଫଟୋ ଉଠାଇଲ କାହିଁକି ବୋଲି କହି ସେମାନଙ୍କ ମୋବାଇଲ୍ ଛଡ଼ାଇବାରୁ ପାଟିତୁଣ୍ଡ ଏବଂ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ହୋଟେଲ୍ ମାଲିକ ଗଣ୍ଡଗୋଳକୁ ରୋକିବାକୁ ଚେଷ୍ଟା କରିବା ସହ ପୋଲିସ୍‌କୁ ଖବର ଦେଇଥିଲେ। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ଟାଉନ ଥାନାରେ ଅଟକ ରଖିଛି। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇ ନଥିବା ଜଣାପଡ଼ିଛି।

# ଆଦର୍ଶ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ

**ଖଇରା,୨୭।୩(ଡି.ଏନ.ଏ.):** ସ୍ଥାନୀୟ ଆଦର୍ଶ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ ସୋମବାର ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ପରିଚାଳନା କମିଟିର ସଭାପତି ଭୋଳାନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନରେ ଆୟୋଜିତ ମାତୃପିତୃ ସମ୍ମିଳନୀରେ ପୂର୍ବତନ ଏମପିଙ୍କ ପ୍ରତିନିଧି ସନ୍ତୋଷ ଶତପଥି ମୁଖ୍ୟ ଅତିଥି, ସରପଞ୍ଚ ସୁଦର୍ଶନ ସେଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ମଣିକିଙ୍କର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ସେହିଭଳି ଅପରାହ୍ନରେ ଆୟୋଜିତ ସାଧାରଣ ସଭାରେ ସୁଦର୍ଶନ ମହାରଥୀ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରତିଭା ସୁଶ୍ରୀ ପ୍ରାଚୀପ୍ରତିଷା ପୁହାଣ, ଦେବସ୍ମିତା ପଣ୍ଡା, ଅନନ୍ୟା ଶତ୍‌ପଥୀ, ଯୁଗାନ୍ତଜ୍ୟୋତି ଦାଶ ଏବଂ ଖଇରା ମହାବିଦ୍ୟାଳୟର ଅଧ୍ୟାପକ କମଳାକାନ୍ତ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଶିଷ୍ଟ କଣ୍ଠଶିଳ୍ପୀ ବସନ୍ତ ପାତ୍ରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା।

# ଜଳିଗଲା କେମିକାଲ ଟ୍ୟାଙ୍କର


ଜଳୁଥିବା କେମିକାଲ ଟ୍ୟାଙ୍କର।

ଜଳେଶ୍ୱର,୨୭।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ମଧ୍ୟ ଦେଇ ଯାଇଥିବା ୬୦ ନଂ. ଜାତୀୟ ରାଜପଥ ଜମାଲପୁର ଓ ଚାଲନ୍ତୀ ବାଇପାସ୍ ମଧ୍ୟରେ ପଶ୍ଚିମବଙ୍ଗ ରାଜ୍ୟ ପଟୁ ଓଡ଼ିଶା ଆଡ଼କୁ ଭୋର ପ୍ରାୟ ସାଢ଼େ ୪ ଟାରେ ଯାଉଥିବା ଏକ କେମିକାଲ ବୋଝେଇ ଟ୍ୟାଙ୍କର୍ ଆଗ ଚକ ଫାଟି ଯିବାରୁ ଉକ୍ତ ଟ୍ୟାଙ୍କରଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଚାଷ ଜମିରେ ଓଲଟି ପଡ଼ିଥିଲା। ଟ୍ୟାଙ୍କରରେ ଥିବା ତରଳ କେମିକାଲ ଲିକେଜ ହେବା ଫଳରେ ସମ୍ପୂର୍ଣ୍ଣ ଭାବେ ଜଳି ଯାଇଥିଲା। ଖବରପାଇ ଜଳେଶ୍ୱର ଅଗ୍ନିଶମ ବିଭାଗ କର୍ମଚାରୀ ଓ ଜଳେଶ୍ୱର ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଦୀର୍ଘ ୪ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ।

ପ୍ରକାଶଥାଉକି, ଉକ୍ତ ସ୍ଥାନରେ ଛୋଟ ଛୋଟ ଗଛ ଓ ଘାସ ନଷ୍ଟ ହେବା ସହିତ ମାଟି ପ୍ରଦୂଷିତ ହୋଇଯାଇଛି। ଦୁର୍ଘଟଣା ଘଟିଲା ପରେ ଉକ୍ତ ଟ୍ୟାଙ୍କର ଚାଳକ ଫେରାର ହୋଇଯାଇଛନ୍ତି ବୋଲି ଜଳେଶ୍ୱର ଥାନାଧିକାରୀ ସୂଚନା ଦେଇଛନ୍ତି।

## ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ ଆରମ୍ଭ

**ବାଲେଶ୍ୱର ଅଫିସ,୨୭।୩:** ବାଲେଶ୍ୱର ଜିଲାରେ ମାଟ୍ରିକ ଖାତା ମୂଲ୍ୟାୟନ ପାଇଁ ୪ଟି କେନ୍ଦ୍ରରେ ୮୫୧ ଶିକ୍ଷୟିତ୍ରୀଶିକ୍ଷକ ନିୟୋଜିତ ହୋଇଥିବା ଜିଲା ବିଜ୍ଞାନ ପରିଦର୍ଶକ କୃଷ୍ଣମୋହନ ସିଂହ ସୂଚନା ଦେଇଛନ୍ତି। ଜିଲାର ୪ଟି ଖାତା ମୂଲ୍ୟାୟନ କେନ୍ଦ୍ରରେ ମୁଖ୍ୟ ପରୀକ୍ଷକ, ପରୀକ୍ଷକ, ଚେକର, ମେକରଙ୍କ ସମେତ ମୋଟ୍ କର୍ମଚାରୀଙ୍କ ସଂଖ୍ୟା ୮୫୧। ଜିଲା ସ୍କୁଲରେ ରେଗୁଲାର ଏବଂ ଏକ୍ସରେଗୁଲାର ଖାତା ମୂଲ୍ୟାୟନ ପାଇଁ ୧୭ଟି ୟୁନିଟ୍‌ରେ ୩୪୭ଜଣ ନିୟୋଜିତ ହୋଇଥିବା ବେଳେ ଜଳେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟର ରେଗୁଲାର ଏବଂ ଏକ୍ସ-ରେଗୁଲାର ଖାତା ମୂଲ୍ୟାୟନ ପାଇଁ ୧୬ଟି ୟୁନିଟ୍‌ରେ ୩୪୨ କର୍ମଚାରୀ ନିଯୁକ୍ତ ଅଛନ୍ତି। ବାଲେଶ୍ୱର ଟାଉନ୍‌ସ୍ଥିତ ପବ୍ଲିକ ସ୍କୁଲରେ ରାଜ୍ୟ ମୁକ୍ତ ସ୍କୁଲ ପରୀକ୍ଷାର୍ଥୀଙ୍କ ଖାତା ମୂଲ୍ୟାୟନ ପାଇଁ ୫ଟି ୟୁନିଟ୍‌ରେ ୭୯ଜଣ କର୍ମଚାରୀ ନିଯୁକ୍ତ ଅଛନ୍ତି। ସେହିପରି ମିଶନ ବାଳିକା ସ୍କୁଲରେ ସଂସ୍କୃତ ବିଦ୍ୟାଳୟ ମାଧ୍ୟମ ପରୀକ୍ଷାର୍ଥୀଙ୍କ ଖାତା ମୂଲ୍ୟାୟନ ପାଇଁ ୮ଟି ୟୁନିଟ୍‌ରେ ୬୩ଜଣ କର୍ମଚାରୀ ନିଯୁକ୍ତି ହୋଇଥିବା ଜଣାପଡ଼ିଛି। ମୂଲ୍ୟାୟନ ପ୍ରକ୍ରିୟା ଏପ୍ରିଲ ୫ ସୁଦ୍ଧା ଶେଷ ହେବ ବୋଲି ଜଣାପଡ଼ିଛି।

# ୨ ଅଭିଯୁକ୍ତ କୋର୍ଟ ଚାଲାଣ, ବନ୍ଧୁକ ଜବତ

ବାଲିଆପାଳ,୨୭।୩(ସ୍ୱ.ପ୍ର)

ବାଲିଆପାଳରେ ଗତ ରବିବାର ଘଟିଥିବା ବହୁଚର୍ଚ୍ଚିତ ଗୁଳିକାଣ୍ଡ ଘଟଣାରେ ମୁଖ୍ୟ ୨ ଅଭିଯୁକ୍ତ ପ୍ରକାଶ ସାମଲ(ଚଗଲା), ହେମନ୍ତ ସିଂ (ହାତୀ)ଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିବା ସହିତ ଏହି ଗୁଳିକାଣ୍ଡରେ ବ୍ୟବହୃତ ବନ୍ଧୁକକୁ ପୋଲିସ ଜବତ କରିଛି ବୋଲି ବାଲିଆପାଳ ପୋଲିସ ସୂଚନା ଦେଇଛି।

**ବାଲିଆପାଳ ଗୁଳିକାଣ୍ଡ ଘଟଣା**

ଘଟଣାରୁ ପ୍ରକାଶ ଗତ ରବିବାର ଅପରାହ୍ନରେ ବାଲିଆପାଳର ଯୁବ ବାଲିଖାଦାନ ମାଲିକ ସୌମ୍ୟଜିତ ଚକ୍ରବର୍ତ୍ତୀ ନିଜ ବୁଲେଟରେ ଯାଉଥିବା ବେଳେ ଦୁର୍ଦ୍ଧାନ୍ତ ଅପରାଧି ପ୍ରକାଶ ସାମଲ ଏବଂ ତାର ସହଯୋଗୀ ପଛରୁ ଏକ ବାଇକ୍‌ରେ ଆସି ଗୁଳି କରି ସେଠାରୁ ଫେରାର ହୋଇଯାଇଥିଲେ। ବାଲିଆପାଳ ପୋଲିସ ଚକ୍ରବର୍ତ୍ତୀଙ୍କ ବାପାଙ୍କ ଏତଲାକ୍ରମେ ଏକ ମାମଲା ରୁଜୁ କରି ଅନୁସନ୍ଧାନ କରୁଥିଲା। ବାଲେଶ୍ୱର ଏସ୍‌ପିଙ୍କ ନିର୍ଦ୍ଦେଶରେ ବସ୍ତା ଏସ୍‌ଡିପିଓ ରଣଜିତ ପୃଷ୍ଟି, ବାଲିଆପାଳ ଆଇଆଇସି ପ୍ରଭୂକଲ୍ୟାଣ ଆଚାର୍ଯ୍ୟ ବିଭିନ୍ନ ସ୍ଥାନାରେ ଚଢ଼ାଉ କରି ସୋମବାର ବାଲେଶ୍ୱରରୁ ଉଭୟଙ୍କୁ ଗିରଫ କରିଥିଲା। ଗିରଫ ପରେ ବାଲିଆପାଳ ଆଣି ଅଧିକ ପଚରାଉଚରା କରିବା ପରେ ଗୁଳିକାଣ୍ଡର ପ୍ରକୃତ କାରଣ ଜାଣିବା ସହିତ ଏଥିରେ ବ୍ୟବହୃତ ଏକ ଦେଶୀ ବନ୍ଧୁକକୁ ଜବତ କରାଯାଇଛି। ପୋଲିସ କହିବା ଅନୁଯାୟୀ ଚଗଲା ସହିତ ବାଲି ବ୍ୟବସାୟକୁ ନେଇ ଗଣ୍ଡଗୋଳ ହୋଇଥିଲା। ତେବେ ଏହା ବାଲିଖାଦାନରୁ ବଟି ଆଦାୟକୁ ନେଇ ହୋଇଥିବା ଚର୍ଚ୍ଚା ହେଉଛି। ଏହି ଗୁଳିକାଣ୍ଡରେ ଚଗଲାଙ୍କୁ ବାଲେଶ୍ୱର ସହରର ଅନ୍ୟ ଜଣେ ଅପରାଧୀ ହେମନ୍ତ ସିଂ ସହଯୋଗ କରିଥିଲେ। ଉଭୟ ଅପରାଧୀଙ୍କ ବିରୋଧରେ ବହୁ ଅପରାଧୀକ ମାମଲା ରହିଛି ବୋଲି ଖବରଦାତା ସମ୍ମିଳନୀରେ ବସ୍ତା ଏସ୍‌ଡିପିଓ ରଣଜିତ ପୃଷ୍ଟି ପ୍ରକାଶ କରିଛନ୍ତି।


ବାଲିଆପାଳ ପୋଲିସର ଖବରଦାତା ସମ୍ମିଳନୀ।

# ଧୋବଗଡ଼ିଆରେ ରାଧାକୃଷ୍ଣ ମହାଯଜ୍ଞ

**ସିମୁଳିଆ, ୨୭।୩ (ଡି.ଏନ.ଏ.):** ସିମୁଳିଆ ବ୍ଲକ ମୁରୁଣା ପଞ୍ଚାୟତର ଅଷ୍ଟଗ୍ରାମ ମେଳନ କମିଟି ଦ୍ୱାରା ବୁଧବାର ଧୋବଗଡ଼ିଆ ମେଳନ ପଡ଼ିଆରେ ନବମ ବାର୍ଷିକ ଶ୍ରୀଶ୍ରୀ ରାଧାକୃଷ୍ଣ ମହାଯଜ୍ଞ ଅନୁଷ୍ଠିତ ହୋଇଛି। ମୁରୁଣା ଅଞ୍ଚଳର ଥାନପତି ଶ୍ରୀଶ୍ରୀ ରାଧାକୃଷ୍ଣ ବିମାନକୁ ଶୋଭାଯାତ୍ରାରେ ଅଣାଯାଇଥିଲା। ପୂର୍ବାହ୍ନ ୧୧ଟାରେ ମେଳନ ପୋଖରୀରୁ ସଂକଳ୍ପକାରୀଙ୍କ ଦ୍ୱାରା ୧୫ଟି ଘଟ ଉତ୍ତୋଳନ କରାଯାଇ ସଙ୍କୀର୍ତ୍ତନ ଦ୍ୱାରା ଯଜ୍ଞ ମଣ୍ଡପକୁ ଅଣାଯାଇଥିଲା। ୧୧ଜଣ ପଣ୍ଡିତ ଏହି ଯଜ୍ଞ କାର୍ଯ୍ୟରେ ନିୟୋଜିତ ଥିଲେ। ମୁଖ୍ୟପଣ୍ଡିତ ରୂପେ ନାରାୟଣ ପଣ୍ଡା, ଦୟାନିଧି ପତ୍ରୀ, ନିଶାକର ପାଣିଗ୍ରାହୀ, ଭାରତ ଭୂଷଣ ଦାଶ, ସୀତାକାନ୍ତ ପଣ୍ଡା, ରାଜେନ୍ଦ୍ର ପାଢୀ ପ୍ରମୁଖ ଥିଲେ। ଏହି ଅବସରରେ ଏକ ହଜାର ଆଠ ଆହୁତି, ରାଧାକୃଷ୍ଣ ପ୍ରତିମୂର୍ତ୍ତି ପୂଜା, ଚଣ୍ଡୀ ପାଠ, ଗୀତାପାଠ, ସୂର୍ଯ୍ୟ ପୂଜା ଓ ସନ୍ଧ୍ୟାରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ନାରାୟଣ ସେବା ଅନୁଷ୍ଠିତ ହୋଇଥିଲା। ବ୍ରତି ରୂପେ ଶ୍ୟାମସୁନ୍ଦର ପତ୍ରୀ, ସଦାନନ୍ଦ ପତ୍ରୀ ପ୍ରମୁଖ ଥିଲେ।


ଧୋବଗଡିଆରେ ଯଜ୍ଞ ପାଇଁ କଳସ ଶୋଭାଯାତ୍ରା।

## ବୃଦ୍ଧ ଅଂଶୁଘାତରେ ଆକ୍ରାନ୍ତ

**ବାହାନଗା,୨୭।୩(ଡି.ଏନ.ଏ.):** ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତର ଜୁଣିଆଁ ବଜାରରେ ବୁଧବାର ଦିନ ୨ଟାରେ ଜଣେ ବୃଦ୍ଧ ଅଂଶୁଘାତରେ ଶିକାର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଆଣିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ତେବେ ବୃଦ୍ଧାଙ୍କ ପରିଚୟ ମିଳି ନଥିଲେ ମଧ୍ୟ ତାଙ୍କ ସାର୍ଟ ପକେଟରେ ଏକ ମେଡ଼ିକାଲ ଚିଠା ଥିଲା। ସେଥିରେ ତାଙ୍କ ନାମ ରାଜେନ୍ଦ୍ର ପ୍ରସାଦ ଦାସ(୭୨) ବୋଲି ଲେଖା ଅଛି। ମାତ୍ର ତାଙ୍କ ଘର ଓ ଠିକଣା ଜଣାପଡ଼ିନାହିଁ।

# ଲକ୍ଷ୍ମଣଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା


ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିବା ଅତିଥିମାନେ।

ବାଲେଶ୍ୱର ଅଫିସ,୨୭।୩

ପରିବହନ ଶ୍ରମିକ ସଂଘର ଜଣେ ନିରଳସ ସଭ୍ୟ ତଥା ସିପିଆଇ(ଏମ୍) ସହର କମିଟି ସଦସ୍ୟ ଲକ୍ଷ୍ମଣ ମହାନ୍ତଙ୍କ ବିୟୋଗରେ ନୂଆବଜାର ସ୍ଥିତ ଶ୍ରମିକ ସଂଘ ଗୃହରେ ବୁଧବାର ପୂର୍ବାହ୍ନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ବସ୍‌ଷ୍ଟାଣ୍ଡରେ ସୁପରଭାଇଜର ଭାବେ ଦୀର୍ଘ ୨୦ବର୍ଷ ଧରି ସେ କାର୍ଯ୍ୟ କରୁଥିଲେ। ରକ୍ତକର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥାଇ ମାତ୍ର ୫୦ବର୍ଷ ବୟସରେ ଗତ ୨୪ ତାରିଖ ଦିନ ତାଙ୍କର ଦେହାନ୍ତ ହୋଇଥିଲା। ସେ ବସ୍‌ଷ୍ଟାଣ୍ଡରେ କଟିଆ ନାମରେ ସମସ୍ତଙ୍କର ପ୍ରିୟଭାଜନ ଥିଲେ। ଯାତ୍ରୀ ଓ ପରିବହନ ଶ୍ରମିକ, ବସ୍ ମାଲିକମାନେ ତାଙ୍କର ସଚ୍ଚୋଟତା ଓ ପରୋପକାର ପାଇଁ ତାଙ୍କୁ ଶ୍ରଦ୍ଧା କରୁଥିଲେ। ତାଙ୍କ ମୃତ୍ୟୁରେ ଜଣେ ନିଷ୍ଠାବାନ ଶ୍ରମିକ ତଥା ବାମପନ୍ଥୀ ଆଦର୍ଶ ନେଇ ବହୁ ସଂଗ୍ରାମରେ ନେତୃତ୍ୱ ନେଇଥିବା ସାଥୀଙ୍କ ଦେହାନ୍ତରେ ପରିବହନ ଶ୍ରମିକ ସଂଘ, ଭ୍ରାତୃପ୍ରତିମ ସଂଘ ଓ ପାର୍ଟିର ନେତାମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ସି.ଆଇ.ଟି.ୟୁ. ରାଜ୍ୟନେତା ରାଧାରମଣ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ସଂଘର ସମ୍ପାଦକ ରାଜକିଶୋର ଲେଙ୍କାଙ୍କ ସମେତ ବିନୋଦ ଜେନା, ଅସିତ୍ ବରଣ ଦାସ, ନିକୁଞ୍ଜ ବସନ୍ତ ରାୟ, ଶ୍ୟାମସୁନ୍ଦର ଜେନା, ଏମ୍.କେ.ଡି. ମଜୁମଦାର, ଦୀପ୍ତିମାନ ଆଚାର୍ଯ୍ୟ, ଅଭିରାମ ବେହେରା, ସୁଶାନ୍ତ ନାୟକ ପ୍ରମୁଖ ସ୍ୱର୍ଗତ ମହନ୍ତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଥିଲେ। ସୁଶାନ୍ତ ସାହୁ ଉପସ୍ଥିତ ଥିବା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

# ରାଜପଥ କଡ଼ରେ ପଥର ଗଦା

ସିମୁଳିଆ,୨୭।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମଧ୍ୟ ଦେଇ ଲମ୍ବିଥିବା ୧୬ନଂ ଜାତୀୟ ରାଜପଥ ଏବେ ବିପଦସଙ୍କୁଳ ହୋଇପଡ଼ିଛି। ରାଜପଥକୁ ଲଗାଇ ବିଭିନ୍ନ ବ୍ୟକ୍ତି ନିଜର ବାଲି, ମେଟାଲ ଇତ୍ୟାଦି ଗଦା କରିବା ଯୋଗୁ ଗମନାଗମନରେ ବାଧା ସୃଷ୍ଟି ହେବା ସହିତ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି।

ରାଜପଥ ପାର୍ଶ୍ୱରେ ଜାମୁଝାଡ଼ି ନିକଟରେ ଦାମୋଦର ହାଇସ୍କୁଲ, ମାର୍କୋଣାରେ ରଘୁନାରାୟଣ ହାଇସ୍କୁଲ ଓ ମଇତାପୁରରେ ଭାରତ ସେବାନିଧି ହାଇସ୍କୁଲ ସହିତ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟ ରହିଛି। ସେହିପରି ରାଜପଥକୁ ଲାଗି ସିମୁଳିଆ କଲେଜ ଓ ରାଜପଥରୁ ୪କି.ମି. ଦୂର ମାର୍କୋଣା ବରି ରୋଡରେ କୁନ୍ତଳା କୁମାରୀ ମହିଳା ମହାବିଦ୍ୟାଳୟ ସମେତ ଷ୍ଟେଶନ, ବ୍ଲକ, ତହସିଲ, ଥାନା ଇତ୍ୟାଦି ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟ ରହିଛି। ପ୍ରତ୍ୟେକ ଦିନ ଛାତ୍ରୀଛାତ୍ରଙ୍କ ସମେତ ହଜାର ହଜାର ଜନସାଧାରଣ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ରାଜପଥରେ ବାଲି ପଥର ଗଦା ହେବା ସହିତ ରାଜପଥ ପାର୍ଶ୍ୱରେ ବଣ ଜଙ୍ଗଲକୁ ମଧ୍ୟ ସଫା କରାଯାଉ ନାହିଁ। ରାଜପଥର ଦାୟିତ୍ୱରେ ଥିବା ସଂସ୍ଥା ମଧ୍ୟ ନିଜର ନାମ ଫୋନ ନମ୍ବର ଥିବା ସୂଚନା ଫଳକ ଲଗାଉ ନାହିଁ। ଫଳରେ ଜନସାଧାରଣ ରାଜପଥର ବିଭିନ୍ନ ସମ୍ପର୍କରେ କାହାକୁ ଜଣାଇବେ ତାହାକୁ ନେଇ ଦ୍ୱନ୍ଦ୍ୱରେ ରହୁଛନ୍ତି। ବିଭାଗୀୟ ଅଧିକାରୀମାନେ ଡ୍ୟୁଟି ନାମରେ ଦରମା ନେଇ ଆଖି ବୁଜି ଦେଇଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି।


ଜାତୀୟ ରାଜପଥ ସିମୁଳିଆ କଲେଜ ନିକଟରେ ବାଲି ପଥର ଗଦା ହୋଇଛି।

## ସଂକ୍ଷେପରେ

### କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ କୁଶପୁତ୍ତଳିକା ଦାହ

ବନ୍ତ, ୨୭।୩ (ଡି.ଏନ.ଏ.): ଭଦ୍ରକ ଜିଲା ବନ୍ତ ଥାନା ଛକଠାରେ ଭାଜପାର କେତେକ ଅସନ୍ତୁଷ୍ଟ କର୍ମୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଭାଜପା ପକ୍ଷରୁ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ପାଇଁ ବଦ୍ରିନାରାୟଣ ଧଳଙ୍କୁ ପ୍ରାର୍ଥୀ କରାଯିବା ପରେ ଏହି ଅସନ୍ତୋଷ ପ୍ରକାଶ ପାଇଛି। ବନ୍ତ ଜଳସେଚନ କାର୍ଯ୍ୟାଳୟ ଛକଠାରୁ ପୂର୍ବତନ ମଣ୍ଡଳ ସଭାପତି ପତଞ୍ଜଳୀ କରଶର୍ମାଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ପଞ୍ଚାୟତର ଅସନ୍ତୁଷ୍ଟ କର୍ମକର୍ତ୍ତା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଧରି ଏକ ଶୋଭାଯାତ୍ରାରେ ଆସି ବନ୍ତ ଥାନା ଛକଠାରେ ଦାହ କରିଥିଲେ। ଅଶୋକ କୁମାର ବେହେରା, ବସନ୍ତ କୁମାର ବିଶ୍ୱାଳ, ରବିନାରାୟଣ ସାମଲ, ଭବାନୀ ଶଙ୍କର ବିଶ୍ୱାଳ, ଅମୂଲ୍ୟ ମହାପାତ୍ର ଓ ହରେକୃଷ୍ଣ ପଡିଆରୀ ପ୍ରମୁଖ ଏଥିରେ ସାମିଲ ଥିଲେ।

### ରାସ୍ତାକଡ଼କୁ ଓଲଟିଲା ଅଟୋ: ୨ ଗୁରୁତର

ବାସୁଦେବପୁର, ୨୭।୩ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର-ଧାମରା ରାସ୍ତାର ମନ୍ଦାରୀ ପୋଲ ନିକଟରେ ଏକ ଅଟୋ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିବାରୁ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବାଲିମୁଣ୍ଡା ଗ୍ରାମର ଅଟୋ ଚାଳକ ଶଙ୍କର ଭୂୟାଁ ଓ ଯାତ୍ରୀ ବଡହାବେଲିସାହି ଗ୍ରାମର ମହେନ୍ଦ୍ର ବିଶ୍ୱାଳ। ଅଟୋଟି ଧାମରା ଆଡୁ ବାସୁଦେବପୁରକୁ ଆସୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ଦୁଇ ଆହତଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଭଦ୍ରକ ସ୍ଥାନାନ୍ତର କରାଯାଇଛି।

### 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ

ବନ୍ତ, ୨୭।୩ (ଡି.ଏନ.ଏ.): ଭଦ୍ରକ ଜିଲା ବନ୍ତ ବ୍ଲକ ଗୋବିନ୍ଦପୁର ପଞ୍ଚାୟତରେ ବିଜେଡି ପକ୍ଷରୁ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧ ନମ୍ବର ୱାର୍ଡ ଅଧୀନ ପଙ୍ଗୀରା, ପାରାଡିଠାରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ସରପଞ୍ଚ ତିଳୋତ୍ତମା ବାରିକଙ୍କ ନେତୃତ୍ୱରେ ସମିତିସଭ୍ୟ ରବୀନ୍ଦ୍ର ଧଳ, ଯୁବ ସଭାପତି ଶ୍ରୀକାନ୍ତ ପଲେଇ, ୱାର୍ଡସଭ୍ୟ ସରସ୍ୱତୀ ମୁଦୁଲି, ଶଶୀକାନ୍ତ ପଣ୍ଡା, ଜିତେନ୍ଦ୍ର ରାଉତ, ମାନସୀ ରାଉତ, ଆଲୋକ ବାରିକ, ବଟକୃଷ୍ଣ ମୁଦୁଲି, ପ୍ରକାଶ ନାୟକ, ସୁଧାକର ଚକ୍ର, ଅଭିରାମ ବାରିକ, ବଳରାମ ନାୟକଙ୍କ ସମେତ ଶତାଧିକ ବିଜେଡି କର୍ମୀ କାର୍ଯ୍ୟକ୍ରମରେ ସାମିଲ ଥିଲେ। ସେମାନେ ଏକ ଶୋଭାଯାତ୍ରାରେ ବାହାରି ଗଭିଗଡିଆ, ସୁନାଗଡିଆ, କଣ୍ଟିଗଡିଆ, ବେଲମଳା, ନାୟକସାହି ଓ ତରାଗୋ ଆଦି ଗ୍ରାମ ପରିକ୍ରମା କରି ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ଆଗାମୀ ଦିନରେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ଆଖଣ୍ଡଳମଣି ପୀଠରେ ହରିହାଟ ଉତ୍ସବ



ଆରଡି, ୨୭।୩ (ଡି.ଏନ.ଏ.): ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ପୀଠରେ ମଙ୍ଗଳବାର ରାତିରେ ହରିହାଟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶହ ଶହ ବର୍ଷର ଏହି ପାରମ୍ପରିକ ଉତ୍ସବକୁ ଦେଖିବା ଲାଗି ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ୫୪ ସେବାୟତ ଓ ଶ୍ରଦ୍ଧାଳୁ ଭକ୍ତି ଓ ନିଷ୍ଠାର ସହ ମିଳିତ ଭାବେ ଭାଗବତ ପଠନ କରିଥିଲେ। ଭୋର ୫ଟାରେ ମନ୍ଦିର ପହଡ଼ ଖୋଲାଯିବା ପରେ ମଙ୍ଗଳ ଆଳତି କରାଯାଇଥିଲା। ବାୟାବାବା ଧର୍ମୀୟ ଅନୁଷ୍ଠାନର ଭକ୍ତମାନେ ମନ୍ଦିର ଓ ବେଢ଼ାରେ ନାମସଂକୀର୍ତ୍ତନ କରିଥିଲେ। ପରେ ବାବାଙ୍କ ପାଖରେ ସ୍ୱତନ୍ତ୍ର ନୀତିକାନ୍ତି କରାଯାଇଥିଲା। ସନ୍ଧ୍ୟାରେ ବାବାଙ୍କୁ ବଡ଼ସିଂହାର ବେଶରେ ସଜ୍ଜିତ କରାଯାଇ ପୂଜାର୍ଚ୍ଚନା କରାଯିବା ପରେ ହରିହାଟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଭାଗବତ ପଠନ ଓ ନାମସଂକୀର୍ତ୍ତନ କରାଯାଇଥିଲା। ପରେ ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରିଥିଲେ। ବୁଧବାର ଭୋର ସମୟରେ ହରି ଓ ହରଙ୍କୁ ଭେଟ କରାଯାଇ ହରିହାଟ ଉତ୍ସବର ଉଦଯାପନ କରାଯାଇଥିଲା। ପୁରାଣ ଶାସ୍ତ୍ର ଅନୁସାରେ ଶ୍ରଦ୍ଧାଳୁମାନେ ଫଗୁ ଷଷ୍ଠୀରେ ଅନୁଷ୍ଠିତ ହରିହାଟରେ ଭାଗବତ ପଠନ ଶୁଣିଲେ ମୃତ୍ୟୁ ପରେ ବୈକୁଣ୍ଠ ପ୍ରାପ୍ତି ହୋଇଥାଏ।

# ପ୍ରହସନ ପାଲଟିଛି ଜଳଯୋଗାଣ ବ୍ୟବସ୍ଥା

ବନ୍ତ, ୨୭।୩ (ଡି.ଏନ.ଏ.)



ନିଳୋକଠାରେ ଥିବା ପାନୀୟଜଳ ଯୋଗାଣ ପ୍ରକଳ୍ପ।

■ ପାଇପ ବୋରିଂରେ ଅଟକିଛି ପାନୀୟଜଳ ଯୋଗାଣ ପ୍ରକଳ୍ପ
■ ବଢୁଛି ତାତି
■ ପାଣି ପାଇଁ ଲୋକେ ହଇରାଣ

ଗ୍ରାମାଞ୍ଚଳର ଲୋକଙ୍କୁ ସୁବିଧାରେ ପାନୀୟଜଳ ଯୋଗାଣ ଲାଗି ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟରେ ପାନୀୟଜଳ ଯୋଗାଣ ଯୋଜନା କାର୍ଯ୍ୟକାରୀ କରାଯାଇଛି। ମାତ୍ର ବାସ୍ତବ କ୍ଷେତ୍ରରେ ଏହି ବ୍ୟବସ୍ଥା ପ୍ରହସନରେ ପରିଣତ ହୋଇଛି। କେଉଁଠି ପ୍ରକଳ୍ପ କାର୍ଯ୍ୟ ଅଧାରୁ ବନ୍ଦ ରହିଛି ତ ଆଉ କେଉଁଠି କାର୍ଯ୍ୟ ଶେଷ ହେବା ପରେ ମଧ୍ୟ ଜଳ ଯୋଗାଣ କରାଯାଉ ନାହିଁ। ବନ୍ତ ବ୍ଲକର ଅଧିକାଂଶ ପଞ୍ଚାୟତରେ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳିଛି।

ଉଲ୍ଲେଖନୀୟ, ଗୋବିନ୍ଦପୁର ପଞ୍ଚାୟତ ତରାଗୋ ଗ୍ରାମରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ନେଇ କାର୍ଯ୍ୟାଦେଶ ହୋଇଥିଲେ ମଧ୍ୟ ପାଇପ୍ ବୋରିଂ କରାଯାଇ ଅଧାରୁ କାର୍ଯ୍ୟ ବନ୍ଦ ରହିଛି। ୨୦୧୮ ଜାନୁୟାରୀ ମାସରେ ଭଦ୍ରକ ଜିଲା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ପକ୍ଷରୁ ୧ କୋଟି ୧୮ ଲକ୍ଷ ୨୮ ହଜାର ଟଙ୍କା ବ୍ୟୟ ଅଟକଳରେ ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ନେଇ ଟେଣ୍ଡର ହୋଇଥିଲା। ଏହି ପ୍ରକଳ୍ପ ନିର୍ମାଣ ନେଇ ଜଣୈକ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏନେଇ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଚିଠି ନମ୍ବର-୩୫୬/ତା୨୫।୧।୨୦୧୮ ରିଖ ମୂଳେ ସମ୍ପୃକ୍ତ ଠିକାଦାରଙ୍କୁ ଅବଗତ କରାଯାଇଥିଲା। ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୧୮ ସେପ୍ଟେମ୍ବର ୧୫ ସୁଦ୍ଧା ଶେଷ କରାଯିବାକୁ ନିର୍ଦ୍ଦେଶ ହୋଇଥିଲା। ହେଲେ ଏହାମଧ୍ୟରେ କେବଳ ପାଇପ୍ ବୋରିଂ କରାଯାଇ କାର୍ଯ୍ୟ ବନ୍ଦ ରଖାଯାଇଛି। ଏବେ ଦିନକୁ ଦିନ ତାତି ବଢୁଥିବା ବେଳେ ସ୍ଥାନୀୟ ଲୋକେ ପାନୀୟ ଜଳ ପାଇଁ ହଇରାଣ ହେଉଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲେ ଉକ୍ତ ପଞ୍ଚାୟତର ୩ ଓ ୪ ନମ୍ବର ୱାର୍ଡ ଅଧୀନ ସୁନାଗଡିଆ ଓ ଗଭିଗଡିଆ ଏବଂ ୫, ୬, ୭ ୱାର୍ଡର ତରାଗୋ ଗ୍ରାମର ପ୍ରାୟ ୪ ହଜାର ଲୋକ ପାନୀୟ ଜଳ ସୁବିଧା ପାଇପାରିଥାନ୍ତେ। ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନେଇ ପୂର୍ବରୁ ଗ୍ରାମବାସୀ ଜିଲାପାଳ ଓ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ନିକଟରେ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହେଉଛି।

ଏ ସମ୍ପର୍କରେ ବ୍ଲକ ପାନୀୟ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ପୂର୍ଣ୍ଣେନ୍ଦୁ ଶେଖର ମିଶ୍ରଙ୍କୁ ପଚରିବାରୁ କହିଛନ୍ତି, ଉକ୍ତ ପ୍ରକଳ୍ପ ସମ୍ପର୍କରେ ଜିଲାପାଳ ଓ ବିଡିଓଙ୍କୁ ଅବଗତ କରାଯିବା ପରେ ନିର୍ମାଣ କାର୍ଯ୍ୟ କାହିଁକି ଆଗେଇ ପାରୁନି ବୋଲି ସମ୍ପୃକ୍ତ ପଞ୍ଚାୟତକୁ କାରଣଦର୍ଶାଅ ନୋଟିସ ପଠାଯାଇଛି। ତେବେ ଗ୍ରାମରେ ବିରୋଧ ଯୋଗୁଁ ନିର୍ମାଣ କାର୍ଯ୍ୟରେ ବାଧା ଉପୁଜିଛି ବୋଲି ସେ କହିଥିଲେ। ସ୍ଥାନୀୟ ସରପଞ୍ଚ ତିଳୋତ୍ତମା ବାରିକ ପଞ୍ଚାୟତରେ ପ୍ରଥମେ ରାସ୍ତା କାର୍ଯ୍ୟ ହେବା ଦରକାର, ପରେ ଏହି ପ୍ରକଳ୍ପ କାମ ହେଲେ ଅସୁବିଧା ନାହିଁ ବୋଲି କହିଥିଲେ। ସେହିପରି ଟିଳୋ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କିଛିଦିନ ହେବ ବନ୍ଦ ରହିଛି। ଏ ସମ୍ପର୍କରେ ସରପଞ୍ଚଙ୍କୁ ପଚାରିବାରୁ ମୁଖ୍ୟ ରାସ୍ତାକାମ ଚାଲୁଥିବା ବେଳେ ପାଇପ୍‌ଗୁଡିକ ନଷ୍ଟ ହୋଇଯାଇଥିବାରୁ ଜଳ ଯୋଗାଣ ହୋଇପାରୁ ନାହିଁ ବୋଲି କହିଛନ୍ତି। କନିଷ୍ଠଯନ୍ତ୍ରୀ ମିଶ୍ର ଟିଲୋରେ ପମ୍ପ ଡ୍ରାଇଭର କେହି ନ ଥିବାରୁ କାର୍ଯ୍ୟ ହୋଇପାରୁ ନାହିଁ ପ୍ରକାଶ କରିଛନ୍ତି। ବନ୍ତ, ନିଳୋକ ଓ ଛୟାଳସିଂ ଆଦି ପଞ୍ଚାୟତରେ ଅନୁରୂପ ଅବସ୍ଥା। ପାନୀୟଜଳ ପ୍ରକଳ୍ପ ଥାଇ ମଧ୍ୟ ନିୟମିତ ଜଳ ଯୋଗାଣ ହେବାଇପାରୁ ନାହିଁ। ଗତ କିଛିଦିନ ତଳେ ଷେଣ୍ଡେତିରା ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଜଳ ଯୋଗାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। କେତେକ ପଞ୍ଚାୟତରେ ପ୍ରକଳ୍ପ ଏକପ୍ରକାର ଅଚଳ ଅବସ୍ଥାରେ ପଡ଼ିରହିଛି। ଅନ୍ୟପକ୍ଷେ ପ୍ରତ୍ୟେକ ପଞ୍ଚାୟତକୁ ଏସ୍‌ଏଫ୍‌ସି ଏବଂ ସିଏଫ୍‌ସି ଅନୁଦାନ ପାଣ୍ଠିରୁ ୩୦ ପ୍ରତିଶତ ଅର୍ଥ ପାନୀୟ ଜଳ ଯୋଗାଣ ବାବଦ ଖର୍ଚ୍ଚ କରିବାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ତାହା ପଞ୍ଚାୟତସ୍ତରରେ ଠିକ୍ ଭାବେ କାର୍ଯ୍ୟ କରାଯାଉ ନ ଥିବା ଅଭିଯୋଗ ହୋଇଛି। ତେବେ ଜିଲାପାଳ ଏହି ସମସ୍ୟାଗୁଡ଼ିକ ପ୍ରତି ଗୁରୁତ୍ୱ ଦେଇ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଶ୍ରେଷ୍ଠ ଛାତ୍ର ଅମରଜ୍ୟୋତି, ଶିକ୍ଷାବିତ୍ ଉପେନ୍ଦ୍ର ସମ୍ବର୍ଦ୍ଧିତ

ପଦ୍ମପୁର, ୨୭।୩ (ଡି.ଏନ.ଏ.)

ବାସୁଦେବପୁର ବ୍ଲକ ବେତଡାର ପ୍ରଶାନ୍ତିବିହାରସ୍ଥିତ ଶିଶୁ ବିଦ୍ୟାମନ୍ଦିରର ୧୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚଳିତ ଶିକ୍ଷାବର୍ଷର ଶ୍ରେଷ୍ଠ ଛାତ୍ର ଭାବେ ଅମରଜ୍ୟୋତି ପାଣିଗ୍ରାହୀ ଓ ବରିଷ୍ଠ ଶିକ୍ଷାବିତ୍ ଉପେନ୍ଦ୍ର କୁମାର ପାଢୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର ନାରାୟଣ ମଲିକ ମୁଖ୍ୟଅତିଥି, ରାଣୀତାଲ କୃଷି ବିଜ୍ଞାନକେନ୍ଦ୍ରର ମୁଖ୍ୟ ଅଧିକାରୀ ବୈଜ୍ଞାନିକ ଅରବିନ୍ଦ ଦାସ, ଯୁବ କଣ୍ଠଶିଳ୍ପୀ ପ୍ରଭୁପାଦ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଗୌତମ ବେହେରା, ଦୈତାରୀ ବେହେରା ଅନ୍ୟତମ ଅତିଥି ଏବଂ ପ୍ରାଧ୍ୟାପକ ପବିତ୍ର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଗୁରୁଜୀ ବିଦ୍ୟାଧର ନାୟକ ବେଦପଠନ ପୂର୍ବକ ସଭା ଆରମ୍ଭ କରିଥିବାବେଳେ ଦୈତାରୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଗାଁ ବୁଲିଲା 'ଘରେ ଘରେ ଶଙ୍ଖ' ଶୋଭାଯାତ୍ରା



ଶୋଭାଯାତ୍ରାରେ ବିଜେଡି ନେତା ଓ କର୍ମୀ।

ତିହିଡ଼ି, ୨୭।୩ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ତିହିଡ଼ି ବ୍ଲକ ଅଧୀନ ବାରସର ପଞ୍ଚାୟତରେ ବୁଧବାର ଅପରାହ୍ନରେ ବିଜେଡି ପକ୍ଷରୁ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦଳୀୟ ନେତା ଓ କର୍ମୀମାନେ ପଞ୍ଚାୟତର ତଳଦପା ଗ୍ରାମଠାରୁ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ସେମାନେ ତଳଦପା, ନାୟକାଣୀସାହି, କାଞ୍ଜିଆପାଟ, ବଙ୍ଗାଳିଦପା ସମେତ ବିଭିନ୍ନ ଗ୍ରାମ ବୁଲିଥିଲେ। ଏଥିସହିତ କର୍ମୀମାନେ ଘରେ ଘରେ ଶଙ୍ଖ ଚିହ୍ନ ପୋଷ୍ଟର ଲଗାଇଥିଲେ। ବରିଷ୍ଠ ନେତା ବିପିନ ରାଉତ, କେଦାର ମହାପାତ୍ର, ନୃସିଂହ ମହାକୁଡ଼, ପ୍ରଦୀପ ମିଶ୍ର, ବିଜୁ ଯୁବବାହିନୀ ସଭାପତି ନୀଳମଣି ମାଝି, ଶ୍ରୀଧର ମଲିକ, ଦିଲୀପ ଗୋଥ, ଦେବେନ୍ଦ୍ର ମଲିକ, ନୀଳମଣି ନାୟକ, ଅଭିମନ୍ୟୁ ରାଉତ, ଚନ୍ଦ୍ରଶେଖର ମହାପାତ୍ର, ରାଜକିଶୋର ଦାସ, ଗୌରହରି ଦାସ ଓ ଭାରତୀ ମଲିକ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ପରେ ତଳଦପା ଗ୍ରାମରେ ଶ୍ରୀଧର ମଲିକଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ନେତାମାନେ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଦଳୀୟ ସ୍ଥିତିକୁ ସୁଦୃଢ଼ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ ବିଭିନ୍ନ ଯୋଜନାରେ ଆବଶ୍ୟକ ଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କଠାରୁ ମତାମତ ନିଆଯାଇଥିଲା।

## ୨୬୬ ବୁଥ୍‌ରେ ହେବ ମତଦାନ

ବାସୁଦେବପୁର, ୨୭।୩ (ଡି.ଏନ.ଏ.)

ଭଦ୍ରକ ଜିଲାର ବାସୁଦେବପୁର ନିର୍ବାଚନ ମଣ୍ଡଳୀ ଏକ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବା ବେଳେ ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବାସୁଦେବପୁର ବିଧାନସଭା କ୍ଷେତ୍ରରେ ନମ୍ବର ୪୫। ବାସୁଦେବପୁର ବ୍ଲକର ୩୬ ପଞ୍ଚାୟତ, ପୌରପାଳିକାର ୨୩ ୱାର୍ଡ ଓ ତିହିଡି ବ୍ଲକର ୯ ପଞ୍ଚାୟତକୁ ନେଇ ଏହି ନିର୍ବାଚନ ମଣ୍ଡଳୀ ଗଠିତ। ବାସୁଦେବପୁର ବ୍ଲକର ୩୬ ପଞ୍ଚାୟତରେ ୧୮୮ ବୁଥ୍, ପୌରପାଳିକାର ୨୩ ୱାର୍ଡରେ ୨୬ ବୁଥ୍ ଓ ତିହିଡି ବ୍ଲକର ୯ ପଞ୍ଚାୟତରେ ୫୨ ମତଦାନ କେନ୍ଦ୍ର କରାଯାଇଛି। ଏହିପରି ମୋଟ ୨୬୬ ବୁଥ୍‌ରେ ଭୋଟରମାନେ ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ।

ବାସୁଦେବପୁର ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ, ଗତ ଜାନୁୟାରୀ ୨୧ ତାରିଖ ସୁଦ୍ଧା ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମୋଟ ଭୋଟର ସଂଖ୍ୟା ୨,୪୬,୩୨୦। ସେମାନଙ୍କ ମଧ୍ୟରୁ ୧, ୨୯, ୪୫୬ ପୁରୁଷ ଏବଂ ୧, ୧୬, ୮୫୩ ମହିଳା ଭୋଟର ଅଛନ୍ତି। ୧୧ ଜଣ ଅନ୍ୟ ଭୋଟର ରହିଛନ୍ତି। ୨୬୬ ବୁଥ୍ ମଧ୍ୟରୁ ୫୦ରୁ ଊର୍ଦ୍ଧ୍ୱ ସମ୍ବେଦନଶୀଳ ଏବଂ ୧୦ରୁ ଊର୍ଦ୍ଧ୍ୱ ବୁଥ୍ ଅତି ସମ୍ବେଦନଶୀଳ ଚିହ୍ନଟ କରାଯାଇଛି। ଏହି ବୁଥ୍‌ଗୁଡ଼ିକ ଉପରେ ପୋଲିସ କଡ଼ା ନଜର ରଖିବା ସହ ସମସ୍ତ ଭୋଟଗ୍ରହଣ କେନ୍ଦ୍ରର ରୁଟ୍‌ଚାର୍ଟ ତିଆରି କରି ବୁଥ୍‌କୁ ପ୍ରାଥମିକ ପରିଭ୍ରମଣ କରିଛି। ସେହିପରି ନିର୍ବାଚନ ପରିଚାଳନା ନିମନ୍ତେ ସ୍ୱତନ୍ତ୍ର ଟ୍ରେନିଂ କାର୍ଯ୍ୟ ମଧ୍ୟ ନିର୍ବାଚନ ପରିଚାଳନା ବିଭାଗ ପକ୍ଷରୁ ଶେଷ ହୋଇଛି।

## ଇନ୍‌ଟାକ୍‌ର ବାର୍ଷିକ ଉତ୍ସବ




ଇନ୍‌ଟାକ୍ ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ଭଦ୍ରକ ଅଫିସ, ୨୭।୩

ଭଦ୍ରକ ଇନ୍‌ଟାକ୍ ଶାଖାର ବାର୍ଷିକ ଉତ୍ସବ ପ୍ରଫେସର ଡ. ସନାତନ ମହାନ୍ତିଙ୍କ ଅଧ୍ୟକ୍ଷତାରେ କୁଆଁସ ନିତ୍ୟାନନ୍ଦ ଭବନଠାରେ ଅନୁଷ୍ଠିତ ହୋଇଛି। ରାଜ୍ୟ ଶାଖାର ଆବାହକ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଅମିୟ ଭୂଷଣ ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ କଥାକାର ବିଜୟେନ୍ଦ୍ର ନାରାୟଣ ଓ ମୁଖ୍ୟବକ୍ତା ଭାବେ ପଣ୍ଡିତ ହୃଷୀକେଶ ରଥ ଯୋଗ ଦେଇଥିଲେ। ଭଦ୍ରକ ଶାଖାର ଆବାହକ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ କମିଶନର ଦିଗମ୍ବର ମହାନ୍ତି ସଂଘର ବିବରଣୀ ସହ ମହାଭାରତ, ବିଭିନ୍ନ ପୌରାଣିକ ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ଶାନ୍ତନୁ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିରିକ୍ତ ସହ କନଭେନର ରାଷ୍ଟ୍ରପତି ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ମଲ୍ଲିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଶିଷ୍ଟ ପ୍ରବଚିକା ତପସ୍ୱିନୀ ପାଢ଼ୀଙ୍କୁ ମାନପତ୍ର ସହ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯିବା ପରେ ସେ ପ୍ରବଚନ ପ୍ରଦାନ କରିଥିଲେ। କୁଇଜ୍ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ବିଶିଷ୍ଟ ଲେଖକ ଡ. ରାମଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ମା' ମଙ୍ଗଳାଙ୍କ ପୀଠରେ ବାର୍ଷିକ ମହାଯଜ୍ଞ

ବନ୍ତ, ୨୭।୩ (ଡି.ଏନ.ଏ.)

ବନ୍ତ ବ୍ଲକ ହାସିନପୁରସ୍ଥିତ ମା' ମଙ୍ଗଳାଙ୍କ ପୀଠରେ ବାର୍ଷିକ ମହାଯଜ୍ଞ ୩ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମହାଦେବ ପୁଷ୍କରିଣୀରୁ କଳସରେ ଜଳ ଅଣାଯାଇ ଘଟ ସ୍ଥାପନା ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ସତ୍ୟବ୍ରତ ପଣ୍ଡା, କାଶୀନାଥ ପଣ୍ଡା, ଜଗନ୍ନାଥ ପାଣିଗ୍ରାହୀ, ସୌଭାଗ୍ୟ ରଞ୍ଜନ ପଣ୍ଡା, ମଠ ମହନ୍ତ ବାବାଜି ଚୈତନ୍ୟ ଦାସ ପୂଜକ କାର୍ଯ୍ୟ ଓ ନାରାୟଣ ବାରିକ ନିତ୍ୟସେବକ କାର୍ଯ୍ୟ ତୁଲାଇଥିଲେ। କର୍ତ୍ତା ଭାବେ ନିରଞ୍ଜନ ପାଢୀ, ଧନେଶ୍ୱର ପରିଡା, ସୁରେନ୍ଦ୍ର ସାହୁ, ରତିକାନ୍ତ ମୁଦୁଲି, ବିଦ୍ୟାଧର ବାରିକ, ରାଜେନ୍ଦ୍ର ସାହୁ ଓ ନାରାୟଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେହ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଭଣ୍ଡାରିପୋଖରୀ ଭାଜପା ନେତା ବଦ୍ରିନାରାୟଣ ଧଳ, ବନ୍ତ ମଣ୍ଡଳ ସମ୍ପାଦକ ଖଗେଶ୍ୱର ବେହେରା, ଜିଲା କୋଷାଧ୍ୟକ୍ଷ ପ୍ରଦୀପ୍ତ ବିଶ୍ୱାଳ, ରାଜୀବ ଲୋଚନ ସାହୁ ଓ ସାମାଜିକ କର୍ମୀ ସୁଦର୍ଶନ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଦମକଳ କେନ୍ଦ୍ର ଫୋନ ଅଚଳ

■ ଅଗ୍ନିକାଣ୍ଡ ବେଳେ ଲୋକେ ହଇରାଣ

ଭଣ୍ଡାରିପୋଖରୀ, ୨୭।୩(ଡି.ଏନ.ଏ.)

ଗ୍ରୀଷ୍ମପ୍ରବାହ ଚାଲିଥିବା ବେଳେ ଏବେଠାରୁ ଦୈନନ୍ଦିନ ଛୋଟବଡ଼ ଅଗ୍ନିକାଣ୍ଡ ଘଟିଲାଣି। ଏଭଳି ଜରୁରୀ ସମୟରେ ଭଣ୍ଡାରିପୋଖରୀ ଦମକଳ କେନ୍ଦ୍ର ଲ୍ୟାଣ୍ଡଲାଇନ ଟେଲିଫୋନ ଅଚଳ ହୋଇପଡ଼ିଥିବାରୁ ସୂଚନା ଦିଆଯାଇପାରୁ ନାହିଁ। ଭାରତ ସଞ୍ଚାର ନିଗମ ଦ୍ୱାରା ପରିଚାଳିତ ଏହି ଫୋନକୁ କଲ୍ କଲେ ଏହି ନମ୍ବର କାହାରିକୁ ଦିଆଯାଇ ନାହିଁ ବୋଲି କୁହାଯାଉଛି। ଆଉ କେତେବେଳେ ସମସ୍ତ ଲାଇନ ବ୍ୟସ୍ତ ଅଛି ତ କେତେବେଳେ ସାଇଲେଣ୍ଟ ରହି ଉପଭୋକ୍ତାଙ୍କ ଟଙ୍କା କଟୁଛି ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ଭଣ୍ଡାରିପୋଖରୀ ଦମକଳ କେନ୍ଦ୍ର ଅଧିକାରୀ ରମାକାନ୍ତ ମଲିକ କହିଛନ୍ତି, ପ୍ରାୟ ୨ ମାସ ହେଲା ଏହି ଫୋନ ଅକାମୀ ହୋଇପଡ଼ିଛି। ବାରମ୍ବାର ଭାରତ ସଞ୍ଚାର ନିଗମ ଏସ୍‌ଡିଓ ଓ ଭଣ୍ଡାରିପୋଖରୀ ଟେଲିଫୋନ ଏକ୍ସଚେଞ୍ଜ କର୍ମଚାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ବାରମ୍ବାର ଲ୍ୟାଣ୍ଡଫୋନ ଅଚଳ ଯୋଗୁ ବହୁ ଲୋକ ଦମକଳ କେନ୍ଦ୍ରକୁ କଲ୍ କରି ଜଣାଇବା ପାଇଁ ଅସୁବିଧା ଭୋଗିବା ସହ ଭଦ୍ରକ ଦମକଳ, ଭଣ୍ଡାରିପୋଖରୀ ଥାନାକୁ ଜଣାଉଛନ୍ତି। ଭଦ୍ରକ ଭଣ୍ଡାରିପୋଖରୀ ଦମକଳ କେନ୍ଦ୍ର କର୍ମଚାରୀଙ୍କୁ ଜଣାଇବା ପରେ ଗାଡ଼ି କଲ୍‌କୁ ଯାଉଛି। ଦମକଳ କର୍ମଚାରୀ ଅଗ୍ନିକାଣ୍ଡ ସ୍ଥାନରେ ପହଞ୍ଚିବା ବେଳକୁ ସବୁକିଛି ପୋଡ଼ି ନଷ୍ଟ ହୋଇଯାଉଛି। ଠିକ୍ ସମୟରେ କେନ୍ଦ୍ରକୁ ସୂଚନା ଦେବାକୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ରର ଲ୍ୟାଣ୍ଡଲାଇନ ଫୋନ ସହ ଏକ ସାର୍ବଜନୀନ ମୋବାଇଲ ନମ୍ବର ଦମକଳ କେନ୍ଦ୍ରକୁ ପ୍ରଦାନ କରି ସର୍ବସାଧାରଣଙ୍କୁ ଅବଗତ କରାଇବାକୁ ଦାବି ହେଉଛି। ଏପରି କି ଅଗ୍ନିକ ସେବା ପାଇଁ ଉପଲବ୍ଧ ୧୦୧ ନମ୍ବର ମଧ୍ୟ କାମରେ ଆସୁନି। ବିଏସ୍‌ଏନ୍‌ଏଲ୍ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଯୋଗୁ ଏପରି ସମସ୍ୟା ସୃଷ୍ଟି ହେଉଥିବା କୁହାଯାଉଛି। ଜରୁରୀ ସେବା ଯୋଗାଉଥିବା ସଂସ୍ଥାଗୁଡିକର ଫୋନ ନମ୍ବରକୁ ସଦାସର୍ବଦା ଠିକ୍ ରଖିବା ପାଇଁ ସାଧାରଣରେ ଦାବି କରାଯାଇଛି।

■ ମେଧାବୃତ୍ତିରୁ ବଞ୍ଚିତ ଛାତ୍ରୀଛାତ୍ର

## ଧାରଣା ଚେତାବନୀ ଦେଲେ ଅଭିଭାବକ

ଧାମନଗର, ୨୭।୩ (ଡି.ଏନ.ଏ.)

ଧାମନଗର ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଚଳିତବର୍ଷର ୩ୟ ଏବଂ ୫ମ ଶ୍ରେଣୀ ମେଧାବୃତ୍ତି ପ୍ରଦାନ ପାଇଁ ଘୋଷଣା କରାଯାଇଛି। ଏଥିରୁ କେତେକ ଛାତ୍ରୀଛାତ୍ର ବଞ୍ଚିତ ହୋଇଥିବା ନେଇ ବୁଧବାର ବିଇଓଙ୍କ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି। ଏହି ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ମଙ୍ଗଳବାର ବିଇଓଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ଆଗାମୀ ୭ ଦିନ ମଧ୍ୟରେ ଏ ସମ୍ପର୍କରେ ପୁନର୍ବିଚାର ନ ହେଲେ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଉଲ୍ଲେଖନୀୟ ଯେ, ଚଳିତବର୍ଷ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାଫଳ ଚିଠି ନମ୍ବର ୨୬୦/୨୮।୨।୧୯ରେ ବାହାରିଥିବା ବେଳେ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳାଫଳ ୫୫୪ /୨୮।୨।୧୯ରେ ପ୍ରକାଶିତ ହୋଇଥିଲା। ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଫଳାଫଳ ଜଣାଯାଇଥିଲା। ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ସିଆର୍‌ସିସିଙ୍କ ଜରିଆରେ ଦାଖଲ ପରେ କୌଣସି କାରଣରୁ କେତେକ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରଙ୍କୁ ବାଦ୍ ଦିଆଯାଇଥିବା ନେଇ ଅଭିଯୋଗ ହେବା ପରେ ଜିଲା ଶିକ୍ଷାଧିକାରୀ ଘୋଷିତ ଫଳାଫଳକୁ ପୁନର୍ବିଚାର ପାଇଁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ କାର୍ଯ୍ୟାଳୟ ପୁନର୍ବିଚାର କରି ଚିଠି ନମ୍ବର ୮୭୦ ଏବଂ ୮୭୬/୨୫।୩।୧୯ ରେ ନୂତନ ଫଳାଫଳ ଘୋଷଣା କରିଛନ୍ତି। ନୂତନ ଘୋଷଣା ଅନୁସାରେ ପୂର୍ବରୁ ଘୋଷିତ ହୋଇଥିବା ମେଧାବୀମାନଙ୍କ ମଧ୍ୟରୁ ୮ଜଣ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଇଓ ପବିତ୍ର ମୋହନ ବାରିକଙ୍କୁ ପଚାରିବାରୁ ଏଥିରେ କୌଣସି ଅନିୟମିତତା ହୋଇ ନ ଥିବା କହିଛନ୍ତି।

■ ଚାଉଳ ବଣ୍ଟନରେ ହେରଫେର

## ରିଟେଲରଙ୍କୁ ଘେରିଲେ ହିତାଧିକାରୀ

ବାସୁଦେବପୁର, ୨୭।୩ (ଡି.ଏନ.ଏ.)



ବ୍ଲକ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ହିତାଧିକାରୀମାନେ ହୋହଲ୍ଲା କରୁଛନ୍ତି।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଗୋବିନ୍ଦପୁର ଗ୍ରାମରେ ସରକାରୀ ଚାଉଳ ବଣ୍ଟନରେ ଅନିୟମିତତା ଓ ହେର୍‌ଫେର୍ ଅଭିଯୋଗରେ ୩୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ବୁଧବାର ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ହୋହଲ୍ଲା କରିବା ସହିତ ସମ୍ପୃକ୍ତ ରିଟେଲରଙ୍କୁ ଘେରିଛନ୍ତି। ରିଟେଲର ଠିକ୍ ସମୟରେ କଣ୍ଟ୍ରୋଲ ଚାଉଳ ବଣ୍ଟନ ନ କରିବା, ନାନା ଆଳ ଦେଖାଇ କଣ୍ଟ୍ରୋଲ ସାମଗ୍ରୀ ଦେବାରେ ବିଳମ୍ବ କରିବା, ଗୁରୁବାର ସାମଗ୍ରୀ ବଣ୍ଟନ ନ କରିବା, ଚଢ଼ାଦରରେ କିରୋସିନ ଦେଉଥିବା ଆଦି ନେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ହିତାଧିକାରୀ। ସେମାନେ ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀଙ୍କୁ ଜଣାଇଛନ୍ତି। ବୁଧବାର ସମ୍ପୃକ୍ତ ରିଟେଲର ଯୋଗାଣ ଅଧିକାରୀଙ୍କ ପାଖରେ ପହଞ୍ଚିବା ପରେ ହିତାଧିକାରୀମାନେ ତାଙ୍କୁ ଘେରିଯାଇଥିଲେ। ବ୍ଲକ ଯୋଗାଣ ଅଧିକାରୀ ବିଭୀଷଣ ନାଏକଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏହି ଘଟଣାର ଅନୁସନ୍ଧାନ କରାଯିବ ବୋଲି ଯୋଗାଣ ଅଧିକାରୀ ହିତାଧିକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ ରିଟେଲର ଅମୀୟ ନାୟକଙ୍କୁ ପଚାରିବାରୁ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। କେତେକ ହିତାଧିକାରୀ ଆଧାର ଲିଙ୍କେଜ କରି ନ ଥିବାରୁ ସେମାନଙ୍କ ଚାଉଳ ବଣ୍ଟନ କ୍ଷେତ୍ରରେ ସେ ଅସୁବିଧାରେ ପଡୁଛନ୍ତି। ଯେଉଁ ହିତାଧିକାରୀମାନେ ଆଧାର ଲିଙ୍କେଜ କରିନାହାନ୍ତି ବାରମ୍ବାର କହିବା ସତ୍ତ୍ୱେ ସେମାନେ ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ସେମାନେ ଆଧାର ଲିଙ୍କେଜ କଲେ ଚାଉଳ ସାମଗ୍ରୀ ନେବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ବାଲେଶ୍ୱର, ଗୁରୁବାର, ୨୮ ମାର୍ଚ୍ଚ, ୨୦୧୯



## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଉଦ୍ଧାର

**ଢେଙ୍କିକୋଟ, ୨୭।୩(ଡି.ଏନ.ଏ.):** ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ତୋରାଣୀ ପୋଖରୀ ପଞ୍ଚାୟତ ପୋଇପାଣି ଗ୍ରାମର ଏକ ବିଲ ମଜିରେ ଥିବା ଆକାଶିଆ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ପୋଇପାଣି ଅଞ୍ଚଳରେ ଖରାଟିଆ ଚାଷ ଚାଲିଥିବାରୁ ବୁଧବାର ସକାଳେ ଗ୍ରାମର ଲୋକେ ଚାଷ ଜମିକୁ ଯାଇଥିବା ବେଳେ ମୃତଦେହ ଦେଖି ଭୟଭୀତ ହୋଇଯାଇଥିଲେ। ଏ ନେଇ ସେମାନେ ଢେଙ୍କିକୋଟ ପାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ାଙ୍କୁ ଜଣାଇଥିଲେ। ଫାଣ୍ଡି ଅଧିକାରୀ ସଦଳବଳେ ନେଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଯୁବକଙ୍କ ପରିଚୟ ମିଳିପାରିନି।

### ଘରକୁ ଘର ବୁଲି ଲୋକଙ୍କୁ ଭେଟୁଛନ୍ତି ପ୍ରାର୍ଥୀ

**ପାଟଣା,୨୭।୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ନିର୍ବାଚନୀ ମଣ୍ଡଳରେ ବୁଧବାର ଭାଜପା ପକ୍ଷରୁ ନିର୍ବାଚନ ପ୍ରଚାର ଆରମ୍ଭ ହୋଇଛି। ଭାଜପାର କେନ୍ଦୁଝର ଲୋକସଭା ଏମ୍‌ପି ପ୍ରାର୍ଥୀ ଅନନ୍ତ ନାୟକ ଓ ବିଧାୟକ ପ୍ରାର୍ଥୀ ଭବାନୀଶଙ୍କର ନାୟକ ପାଟଣା ବ୍ଲକର ବିଭିନ୍ନ ଗାଁ ସାହି ବୁଲି ବିପୁଳ ସଂଖ୍ୟାରେ ଭୋଟ ଦେଇ ଜିତାଇବାକୁ ନିବେଦନ କରିଥିଲେ। ପାଟଣା ବ୍ଲକର ଚିନାମାଳି ପଶି, ସଡ଼ଙ୍ଗବାହାଳି, ବେଗୁନାଖମଣ, ଏରେଣ୍ଡେଇ ଓ ବଡ଼ପାଟଣା ପଞ୍ଚାୟତର ପୁଟୁଳିଆ ଆଦି ଗ୍ରାମ ବୁଲି ଭାଜପା ଦଳର କର୍ମୀ ଓ ଭୋଟରଙ୍କୁ ଭେଟିଥିଲେ।
ଏଥିରେ ଭାଜପା ଯୁବମୋର୍ଚ୍ଚାର ରାଜ୍ୟ ଉପସଭାପତି ସବୁଜ ମହାନ୍ତ ବର୍ମା, ଜିଲା ଯୁବମୋର୍ଚ୍ଚା ସଭାପତି ହେମରଞ୍ଜନ ବାରିକ, ଭାଜପା ଯୁବନେତା ଆଇନଜୀବୀ ମହେଶ୍ୱର ପୃଷ୍ଟି ଓ ପାଟଣା ମଣ୍ଡଳ ଭାଜପା ସଭାପତି ପ୍ରହ୍ଲାଦ ପଲେଇ, କେଶବଚନ୍ଦ୍ର ଦାଶ ଓ ମହେନ୍ଦ୍ର ମିଶ୍ର ପ୍ରମୁଖଙ୍କ ସହ ପାଟଣା ବ୍ଲକ ଭାଜପା କର୍ମକର୍ତ୍ତା ସାମିଲ ହୋଇଥିଲେ। ଅପରାହ୍ନରେ ରାଜନଗର କଲ୍ୟାଣମଣ୍ଡପରେ ଆଗାମୀ ନିର୍ବାଚନ ରଣନୀତି ନେଇ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

### ଅଧାପକ ଅନୀକାନ୍ତ ପାଇଲେ 'ବିଦ୍ୟାବିଭୂଷଣ' ସମ୍ମାନ



**ପାଟଣା,୨୭।୩(ସ୍ୱ.ପ୍ର.):** ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ଦୁଗାଦେଇପୁର ଶାସନର ଇଂରାଜୀ ଅଧାପକ ଅନୀକାନ୍ତ ଦାଶଙ୍କୁ 'ବିଦ୍ୟାବିଭୂଷଣ' ଉପାଧିରେ ସମ୍ମାନିତ କରାଯାଇଛି। ସୋମବାର ଭୁବନେଶ୍ୱରସ୍ଥିତ ଉତ୍କଳ ବିଶବିଦ୍ୟାଳୟ ପରିସରରେ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଅଡିଟୋରୀୟମରେ ଉତ୍କଳ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ଓ ସ୍ୱତନ୍ତ୍ର ଉପାଧି ପ୍ରଦାନ ଉତ୍ସବରେ ଇଂରାଜୀ ସାହିତ୍ୟରେ ଗବେଷଣା ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ଜେନ ଅଷ୍ଟିନଙ୍କ ଉପନ୍ୟାସରେ 'ପରି ନାରୀବାଦ'(eco feminism) ଭଳି ଉଚ୍ଚ କୋଟିର ସନ୍ଦର୍ଭ ଲେଖି ଉତ୍କଳ ବିଶବିଦ୍ୟାଳୟ ତରଫରୁ ଅନୀକାନ୍ତ ପିଏଚଡ଼ି ଡିଗ୍ରୀ ଲାଭ କରିଛନ୍ତି। ଏହି ଗବେଷଣା ପୁସ୍ତକରେ କେନ୍ଦୁଝର ଜିଲାର ଆଦିବାସୀ ମହିଳା ଓ ପ୍ରକୃତି କିଭଳି ନୀତି ପ୍ରତିଦିନ ନିଷ୍ପେଶିତ ହେଉଛି ତାହାର ଦୈନ୍ୟ ଚିତ୍ରର ଚିତ୍ରିତ ହୋଇଛି। ଆୟୋଜିତ ଉତ୍ସବରେ ପ୍ରଫେସର ସୌମେନ୍ଦ୍ର ମୋହନ ପଟନାୟକଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ପ୍ରଫେସର ଦୀନବନ୍ଧୁ ସାହୁ ଯୋଗଦେଇ ଅନୀକାନ୍ତଙ୍କୁ ଏହି ଉପାଧି ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଅନୀକାନ୍ତ ଦୁର୍ଗାଦେଇପୁର ହରିହର ଦାଶ ଓ ମାଳତୀ ଲତା ଦାଶଙ୍କ ସୁପୁତ୍ର। ଅନୀକାନ୍ତଙ୍କ ଇଂରାଜୀ ସାହିତ୍ୟରେ ଏହି ଉଲ୍ଲେଖନୀୟ ସଫଳତା ପାଇଁ ରାଜ୍ୟ ତଥା ଜିଲାର ବହୁ ଶିକ୍ଷାବିତ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ବର୍ତ୍ତମାନ ମୟୂରଭଞ୍ଜ ଜିଲା କରଞ୍ଜିଆ ସଂଯ୍ ଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗର ମୁଖ୍ୟ ଅଧାପକ ଭାବେ କାର୍ଯ୍ୟ କରୁଛନ୍ତି।

# ଚମ୍ପୁଆ ଡାକ୍ତରଖାନାରେ ଡାକ୍ତରଙ୍କ ଦୁର୍ବ୍ୟବହାର

■ ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ମହିଳା ସମିତିର ସଦସ୍ୟା

**ଯୋଡ଼ା/ଚମ୍ପୁଆ, ୨୭।୩(ଡି.ଏନ.ଏ.)**



ଉପଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିବା ସାଇନାଥ ସଦସ୍ୟାମାନେ।

ସାଇନାଥ ମହିଳା ସମିତିର ସଦସ୍ୟାମାନେ ଚମ୍ପୁଆ ଡାକ୍ତରଖାନାର ଜଣେ ଡାକ୍ତରଙ୍କ ବ୍ୟବହାରରେ ଅତିଷ୍ଠ ହୋଇପଡ଼ିଛନ୍ତି। ଏ ନେଇ ସେମାନେ ବୁଧବାର ଚମ୍ପୁଆ ଉପଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ଝାଡ଼ଖଣ୍ଡ ନିବାସୀ ସୁନାରାମ ଗୋପଙ୍କ ସ୍ତ୍ରୀ ଦେବକୀ ଗୋପଙ୍କର ଗର୍ଭ ଯନ୍ତ୍ରଣା ହେବାରୁ ମଙ୍ଗଳବାର ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଦାୟିତ୍ୱରେ ଥିବା ଡାକ୍ତର ମହାନ୍ତ ଏହା ନର୍ମାଲ ଡେଲିଭରି ହେବ କହିବା ପରେ ପୁଣି ନିଜ ମତ ପରିବର୍ତ୍ତନ କରି ଏହା ଏକ ଅପରେଶନଜନିତ କେସ୍ ବୋଲି କହିଥିଲେ। ଘର ଲୋକ ତାଙ୍କୁ ନର୍ମାଲ ଡେଲିଭରି କରିବା ପାଇଁ ଅନୁରୋଧ କରିଥିଲେ। ଡାକ୍ତର ତାଙ୍କ କଥାକୁ କର୍ଣ୍ଣପାତ କରି ନ ଥିଲେ। ଏବାବଦକୁ କିଛି ଅର୍ଥ ଦାବି କରାଯାଇଥିଲା। ଅର୍ଥ ଦେବାକୁ ରାଜି ହୋଇ ସୁନାରାମ ଗୋପ ଅର୍ଥ ଯୋଗାଡ଼ କରିବାକୁ ଡାକ୍ତରଙ୍କୁ ସମୟ ମାଗିଥିଲେ। ଡାକ୍ତର ତାଙ୍କ କଥା ନ ଶୁଣି ଦେବକୀଙ୍କୁ କେନ୍ଦୁଝର ଚିକିତ୍ସାଳୟକୁ ପଠାଇ ଦେଇଥିବା ଅଭିଯୋଗ ହୋଇଛି। କେତେକ ଅସୁବିଧା ପାଇଁ ଘରଲୋକ ଦେବକୀଙ୍କୁ ମୟୂରଭଞ୍ଜର ଏକ ମେଡିକାଲକୁ ନେଇଯାଇଥିଲେ। ସେଠାରେ ଦେବକୀଙ୍କ ବିନା ଅପରେଶନରେ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ଏ ନେଇ ସୁନାରାମ ଗୋପଙ୍କ ମାଉସୀ ଚମ୍ପୁଆ ସାଇନାଥ ମହିଳା ସମିତିରେ ଡାକ୍ତରଙ୍କ ଦୁର୍ବ୍ୟବହାର ନେଇ ଲିଖିତ ଅଭିଯୋଗ କରିଥିଲେ।

ବୁଧବାର ସକାଳେ ସାଇନାଥ ମହିଳା ସମିତିର ସଦସ୍ୟାମାନେ ସମ୍ପୃକ୍ତ ଡାକ୍ତରଙ୍କ ଦୁର୍ବ୍ୟବହାର ସମ୍ପର୍କରେ ପଚାରିବାକୁ ଯାଇଥିଲେ ମଧ୍ୟ ବହୁ ଘଣ୍ଟା ଧରି ଅପେକ୍ଷା କରିବାକୁ ପଡିଥିଲା। ଏଥିରେ କର୍ମଚାରୀଙ୍କ ଦ୍ୱାରା ଲେବର ରୁମ୍‌ରେ ଥିବା ଡାକ୍ତର ମହାନ୍ତଙ୍କୁ ସମିତିସଭ୍ୟାମାନେ ଆସିବାକୁ ସୂଚନା ଦେବାରୁ ଡାକ୍ତର ସେମାନଙ୍କୁ ଭିତରକୁ ଡାକିଥିଲେ। ଘଟଣା ସମ୍ପର୍କରେ ପଚାରିବାରୁ ଡାକ୍ତର ଉକ୍ତ ମହିଳା ସମିତି ସଭ୍ୟାମାନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ଉପଜିଲାପାଳଙ୍କଠାରେ ଅଭିଯୋଗ ହୋଇଛି। ଉପଜିଲାପାଳ ପାରୁଲ ପଟ୍ଟୱାରୀ ଜିଲାପାଳଙ୍କ ସହ ଆଲୋଚନା କରି ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## କ୍ରଶରରେ ଚାପିହୋଇ ଆଦିବାସୀ ନାବାଳକଙ୍କ ମୃତ୍ୟୁ



ସିଙ୍କୁଳାବାହାଳରେ ଥିବା କ୍ରଶର।

**ତେଲକୋଇ, ୨୭।୩(ଡି.ଏନ.ଏ.)**

ତେଲକୋଇ ଥାନା ଅନ୍ତର୍ଗତ ସିଙ୍କୁଳାବାହାଳରେ ଥିବା ଏକ କ୍ରଶରରେ ଚାପିହୋଇ ମଙ୍ଗଳବାର ସନ୍ଧ୍ୟାରେ କାର୍ଯ୍ୟରତ ଜଣେ ଆଦିବାସୀ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାଲଲହଡା ଥାନା ଅନ୍ତର୍ଗତ ମୁକ୍ତାପୁର ଗ୍ରାମ ରାଧା ସାହିର ସୁଶାନ୍ତ ନାଏକ(୧୩)। ଏ ନେଇ ବୁଧବାର ଗ୍ରାମବାସୀ ପାଲଲହଡ଼ାଠାରେ ଜାତୀୟ ରାଜପଥକୁ ଅବରୋଧ କରି କ୍ଷତି ପୂରଣ ଦାବି କରିଥିଲେ। ଉତ୍ତେଜନା ଦେଖା ଦେଇଥିଲା। ଦୁର୍ଘଟଣା ପରେ କ୍ରଶର ମାଲିକ ମୃତ ନାବାଳକଙ୍କୁ ନେଇ ଏକ ଗାଡ଼ିରେ ଅନୁଗୋଳ ପାଲଲହଡ଼ା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ହୋଇଛି। ପାଲଲହଡ଼ା ଥାନାରେ ଏକ ମାମଲା (ନଂ.୬/୧୯) ରୁଜୁ ହୋଇଛି। ପୋଲିସ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ନାବାଳକଙ୍କୁ ୪ ମାସ ହେବ କ୍ରଶରରେ ନିୟୋଜିତ କରାଯାଇଥିବା ଅଭିଯୋଗ ହୋଇଛି। ମୃତ ନାବାଳକ ପରିବାର କହିଲେ କେବଳ ତାଙ୍କ ବିଧବା ମା'। କ୍ରଶର ମାଲିକଙ୍କ ଗାଡ଼ିରେ ମୃତଦେହ ନେଇ ତାଙ୍କ ଘରକୁ ନିଆଯାଇଥିଲା। ସେହି ଗାଡ଼ିକୁ ଗ୍ରାମବାସୀ ଅଟକ ରଖିଥିଲେ। ତେଲକୋଇ ଥାନା ଅଧିକାରୀ ପଦ୍ମାସିନୀ ମେହେରଙ୍କୁ ପଚାରିବାରୁ ଉକ୍ତ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଟେଲିଫୋନ ସେବା ବିପର୍ଯ୍ୟସ୍ତ

**କେନ୍ଦୁଝର, ୨୭।୩(ସ୍ୱ.ପ୍ର.)**

ନିରବିଚ୍ଛିନ୍ନ ଏବଂ ସବୁ ସ୍ଥାନକୁ ଟେଲିଫୋନ ଓ ନେଟୱାର୍କ ସେବା ଯୋଗାଇଦେବାକୁ ସରକାର ଉଦ୍ୟମ କରୁଛନ୍ତି। ଏହାକୁ ଆଧାର କରି ସମସ୍ତ ବ୍ୟବସ୍ଥା ଡିଜିଟାଲ କରାଯାଇଛି। ଜିଲାର ଅନେକ ଅଞ୍ଚଳକୁ ଏହି ସେବା ଅପହଞ୍ଚ ହୋଇଛି। ଅଧିକାଂଶ ସମୟରେ ଟାୱାର, ଜେନେରେଟର ଆଦି ଖରାପ ହେଉଥିବାରୁ କାମରେ ଲାଗିପାରୁନାହିଁ। ଏପରିକି ସାଧାରଣ ନିର୍ବାଚନ ସମୟରେ ନିରବିଚ୍ଛିନ୍ନ ଯୋଗାଇଦେବାକୁ କୁହାଯାଇଥିଲେ ହେଁ ଅନେକ ଅଞ୍ଚଳରେ ଏହି ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଲୋକେ ଯୋଗାଯୋଗ କରିବାରେ ଅସୁବିଧା ଭୋଗୁଛନ୍ତି।

ସୂଚନାଯୋଗ୍ୟ ଯେ, ଜିଲାରେ ସର୍ବାଧିକ ଅଞ୍ଚଳରେ ବିଏସ୍‌ଏନ୍‌ଏଲ ସେବା ଉପଲବ୍ଧ ରହିଥିବାରୁ ସେମାନଙ୍କ ଭରସା ଅତୁଟ ରହିଛି। ବିଭିନ୍ନ କାରଣରୁ ଅନେକ ସମୟରେ ଏହି ସେବା ବାଧାପ୍ରାପ୍ତ ହେଉଛି। ଏହା ଉପରେ ନିର୍ଭରଶୀଳ ଉପଭକ୍ତା, ଅଫିସ, ବ୍ୟବସାୟୀ ମାନେ ବହୁ ସମସ୍ୟା ଭୋଗୁଛନ୍ତି। ଟେଲିଫୋନ ବ୍ୟତିତ ଇଣ୍ଟରନେଟ ସୁବିଧା ବାଧାପ୍ରାପ୍ତ ହେଉଛି। ଏହାର ପ୍ରଭାବ ବିଭିନ୍ନ ଅଫିସ, ବ୍ୟାଙ୍କ ଆଦିରେ ଦେଖିବାକୁ ମିଳୁଛି। ଟଙ୍କା ଦେଣନେଣ, ଉଠାଣ ଆଦି କାର୍ଯ୍ୟ ହୋଇପାରୁନି। ଏହି ସଂସ୍ଥା ଉପରୁ ଭରସା ତୁଟିବାକୁ ବସୁଛି। ଏହି କାରଣରୁ ବିଏସ୍‌ଏନ୍‌ଏଲ ଭଳି ସଂସ୍ଥା ବିଶ୍ୱାସନୀୟତା ହରାଇବା ସହ ସରକାରଙ୍କ ବହୁ କୋଟି ରାଜସ୍ୱ ହାନୀ ଘଟୁଛି। ବହୁ ବିଭାଗୀ କର୍ମଚାରୀ ଏଥିପ୍ରତି ଦୃଷ୍ଟି ନ ଦେଇ କାମ ଛାଡି ଅନ୍ୟ ଘରୋଇ ବ୍ୟବସାୟରେ ଲାଗୁଥିବାରୁ ଏହି ସେବା ବିପର୍ଯ୍ୟସ୍ତ ହୋଇ ପଡୁଛି ବୋଲି ଅବସରପ୍ରାପ୍ତ ଟେଲିଫୋନ କର୍ମଚାରୀ କେଶବ ଚନ୍ଦ୍ର ସେଠୀ କହିଛନ୍ତି। ବିଏନ୍‌ଏନ୍‌ଲ ପକ୍ଷରୁ ବସିଥିବା ଟାୱାର ଗୁଡିକ ବିଭିନ୍ନ କାରଣରୁ ଅଧିକାଂଶ ସମୟ ଖରାପ ହେଉଛି। ତୁରନ୍ତ ମରାମତି କରାଯାଉନି। ସେହିପରି ବିଦ୍ୟୁତ୍ କଟ ହେଲେ ଜାଣିଶୁଣି ଜେନେରେଟର ଚଳାଉ ନ ଥିବା ଏବଂ ମିଥ୍ୟା ବିଲ କରି ଡିଜେଲ ହେରଫେର କରାଯାଉଥିବା କରୁଥିବା ଅଭିଯୋଗ ହେଉଛି। ଏଭଳି ସଦର ବ୍ଲକ ମଇଦାନକେଲ ପଞ୍ଚାୟତରେ କିଛି ଦିନ ହେଲା ମୋବାଇଲ ସେବା ବାଧାପ୍ରାପ୍ତ ହୋଇଛି। ଏହି ପଞ୍ଚାୟତର ୧୮ ଗ୍ରାମର ଉପଭକ୍ତା ସମସ୍ୟା ଭୋଗୁଛନ୍ତି। ଅଭିଯୋଗ କଲେ କେହିଶୁଣୁ ନ ଥିବାରୁ ଅନ୍ୟ ଘରୋଇ ନେଟୱାର୍କ ବ୍ୟବହାର କରିବାକୁ ବାଧ ହେଉଛନ୍ତି ବୋଲି ଉପଭକ୍ତା ସୁଜିତ କୁମାର ନାୟକ କହିଛନ୍ତି। ବାଂଶପାଳ, ସଦର, ତେଲକୋଇ, ହରିଚନ୍ଦନପୁର, ଯୋଡା ଆଦି ବ୍ଲକର ଅନେକ ଅଞ୍ଚଳରେ ମୋବାଇଲ ଓ ଇଣ୍ଟରନେଟ ସେବା ଅପହଞ୍ଚ ହୋଇଛି।

## ୨୮ରୁ ଏପ୍ରିଲ୍ ୪ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ

**କେନ୍ଦୁଝର, ୨୭।୩(ସ୍ୱ.ପ୍ର.)**

■ସାଧାରଣ ନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି
■ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଜିଲାପାଳଙ୍କ ବୈଠକ



ଜିଲାପାଳ ଆଶିଷ ଠାକରେଙ୍କ ସହ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି।

ସାଧାରଣ ନିର୍ବାଚନ-୨୦୧୯ ପରିପ୍ରେକ୍ଷୀରେ ୪ କେନ୍ଦୁଝର (ଏସ୍.ଟି.) ଲୋକସଭା ନିର୍ବାଚନ ମଣ୍ଡଳୀ ଏବଂ ଜିଲାର ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୨୮ରୁ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହେଉଛି। ଏହି ଦୃଷ୍ଟିରୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଆଶିଷ ଠାକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ମନୋନୟନ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଇଛନ୍ତି। ବୁଧବାର ଜିଲା କାର୍ଯ୍ୟାଳୟସ୍ଥ ମିନି କନ୍‌ଫରେନ୍ସ୍ ହଲ୍‌ଠାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଅନୁଷ୍ଠିତ ବୈଠକରେ ଜିଲାପାଳ ଠାକରେ ସୂଚନା ଦେଇ କହିଥିଲେ ଯେ, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ମାର୍ଚ୍ଚ ୨୮ରେ ବିଜ୍ଞପ୍ତି ପ୍ରକାଶ ପାଇବା ସହିତ ୧୧ ଘଟିକାଠାରୁ ମନୋନୟନ ପତ୍ର ଦାଖଲ ଆରମ୍ଭର ସମୟ ନିର୍ଦ୍ଧାରଣ କରାଯାଇଛି। ଅପ୍ରେଲ ୪ ପର୍ଯ୍ୟନ୍ତ ସରକାରୀ ଛୁଟିଦିନ ବ୍ୟତୀତ କାର୍ଯ୍ୟ ଦିବସରେ ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିପାରିବେ ବୋଲି ସମୟ ଧାର୍ଯ୍ୟ କରାଯାଇଛି। ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ମନୋନୟନ ପତ୍ର ଗ୍ରହଣ କରାଯିବ। ୪-କେନ୍ଦୁଝର (ଏସ୍.ଟି.) ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ କେନ୍ଦୁଝରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଆଗ୍ରହୀ ପ୍ରାର୍ଥୀମାନେ ମନୋନୟନ ପତ୍ର ଦାଖଲ କରିପାରିବେ। ୨୩-ପାଟଣା (ଏସ.ଟି.) ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଜିଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଆଗ୍ରହୀ ପ୍ରାର୍ଥୀମାନେ ମନୋନୟନ ପତ୍ର ଦାଖଲ କରିପାରିବେ ବୋଲି ବୈଠକରେ ସୂଚନା ଦିଆଯାଇଛି। ସେହିପରି ୨୦-ତେଲକେଇ (ଏସ୍.ଟି.) ଏବଂ ୨୪-କେନ୍ଦୁଝର (ଏସ୍.ଟି.) ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ରିଟର୍ଣ୍ଣିଂ ଅଫିସର ତଥା ଉପଜିଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ, ୨୧-ଘଷିପୁରା ଓ ୨୨-ଆନନ୍ଦପୁର (ଏସ୍.ସି.) ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ରିଟର୍ଣ୍ଣିଂ ଅଫିସର ତଥା ଉପଜିଲାପାଳ ଆନନ୍ଦପୁରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏବଂ ୨୫-ଚମ୍ପୁଆ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ରିଟର୍ଣ୍ଣିଂ ଅଫିସର ତଥା ଉପଜିଲାପାଳ ଚମ୍ପୁଆଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଆଗ୍ରହୀ ପ୍ରାର୍ଥୀମାନେ ମନୋନୟନ ପତ୍ର ଦାଖଲ କରିପାରିବେ ବୋଲି ଜିଲାପାଳ ଠାକରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ସୂଚନା ଦେଇଥିଲେ।

ପ୍ରତି ରିଟର୍ଣ୍ଣିଂ ଅଫିସରମାନଙ୍କ କାର୍ଯ୍ୟାଳୟ ପରିସରକୁ ପ୍ରତି ପ୍ରାର୍ଥୀଙ୍କର ସର୍ବାଧିକ ୩ଟି ଗାଡି ପ୍ରବେଶ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ରିଟର୍ଣ୍ଣିଂ ଅଫିସରଙ୍କ ପ୍ରକୋଷ୍ଠକୁ ମନୋନୟନ ପତ୍ର ଦାଖଲ ନିମନ୍ତେ ପ୍ରାର୍ଥୀଙ୍କୁ ମିଶାଇ ସର୍ବାଧିକ ୫ ଜଣ ପ୍ରବେଶ କରିବା ପାଇଁ ବ୍ୟବସ୍ଥା କରାଯାଇଛି। କେନ୍ଦୁଝର ଲୋକସଭା ଆସନ ସଂରକ୍ଷିତ ବର୍ଗର ହୋଇଥିବା ଦୃଷ୍ଟିରୁ ପ୍ରାର୍ଥୀମାନେ ମୋଟ୍ ଅମାନତ୍ ରାଶି ୨୫ ହଜାର ଟଙ୍କାର ଅଧା ଅର୍ଥାତ୍ ୧୨ ହଜାର ୫ ଶହ ଟଙ୍କା ଅମାନତ ରାଶି ଦାଖଲ କରିବେ। ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀଙ୍କର ଅମାନତ ଦାଖଲ ରାଶି ୧୦ ହଜାର ଟଙ୍କା ହୋଇଥିବାବେଳେ ସଂରକ୍ଷିତ ବିଧାନସଭା ନିର୍ବାଚନ ମଣ୍ଡଳୀମାନଙ୍କରେ ପ୍ରାର୍ଥୀ ୫ ହଜାର ଟଙ୍କାର ଅମାନତ ରାଶି ଦାଖଲ କରିବେ ବୋଲି ସୂଚନା ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଡ. ଭକ୍ତଚରଣ ପ୍ରଧାନ, ଚମ୍ପୁଆ ଉପଜିଲାପାଳ ପାରୁଲ୍ ପଟାୱାରୀ, କେନ୍ଦୁଝର ଉପଜିଲାପାଳ ସୋମନାଥ ପ୍ରଧାନ, ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁ, ଡିଏସ୍‌ପି ଡିଆଇବି ଏଚ୍‌ସି ପାଣ୍ଡେ, ଡେପୁଟି କଲେକ୍ଟର ନିର୍ବାଚନ ରାମଚନ୍ଦ୍ର କିସ୍କୁ, ଆସିଷ୍ଟାଂଟ୍ କଲେକ୍ଟର କିରଣ ନାଏକଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ରହି ଆଲୋଚନରେ ଅଂଶ ଗ୍ରହଣ କରିଥିଲେ।

## 'ପୁଣି ଏକ ସ୍ୱାଧୀନତା ସଂଗ୍ରାମ ପାଇଁ ଯୁବଗୋଷ୍ଠୀ ଜାଗ୍ରତ ହୁଅନ୍ତୁ'

**ଭଦ୍ରକ ଅଫିସ, ୨୭।୩**

ଆମ ପୂର୍ବଜମାନେ ଯେଉଁ ସ୍ୱାଧୀନତା ଆଣିଥିଲେ, ତାହା ଆଜି ବିପଦ ମୁଖରେ। ଭାରତବର୍ଷକୁ ଜାତି, ଧର୍ମ ଓ ସମ୍ପ୍ରଦାୟ ଆଳରେ ଭାଙ୍ଗିବା, ଭାରତର ସମ୍ପତ୍ତି ଭ୍ରଷ୍ଟାଚାରୀ ଗୋଷ୍ଠୀଙ୍କ ଦ୍ୱାରା ଲୁଟ୍ ବିରୋଧରେ ପୁଣି ଏକ ସ୍ୱାଧୀନତା ସଂଗ୍ରାମ ପାଇଁ ଯୁବଗୋଷ୍ଠୀ ଜାଗ୍ରତ ହୁଅନ୍ତୁ ବୋଲି ରାଷ୍ଟ୍ରୀୟ ଯୁବା ସଙ୍ଗଠନ ଓ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଭଦ୍ରକ ଶାଖା ପକ୍ଷରୁ ଅନୁଷ୍ଠିତ ତ୍ରିଦିବସୀୟ ଗାନ୍ଧୀ ଚିନ୍ତନ ଶିବିରର ଉଦ୍‌ଯାପନୀ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରତିଷ୍ଠାନର ସମ୍ପାଦକ ପ୍ରଫେସର ରାଜକିଶୋର ସାହୁ ଅଧ୍ୟକ୍ଷତା କରିଥିଲେ। ତୁଷାରକାନ୍ତି ମହାନ୍ତି, ସୀତାକାନ୍ତ ଦାସ, ଅଧାପକ ନାସିର ବକ୍ସ, ରାଜକିଶୋର ଅଗ୍ରୱାଲ, ଶିଶିର ମିଶ୍ର, ଅତାୱର ଅଲ୍ଲୀ ଖାଁ, ଝରଣା ପଟ୍ଟନାୟକ, ଗୟାଧର ପଣ୍ଡା, ନମିତା ମିଶ୍ର, ମାନସ ପଟ୍ଟନାୟକ ପ୍ରମୁଖ ଶିବିରାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଶିବିରରେ ରାଷ୍ଟ୍ରୀୟ ଯୁବା ସଙ୍ଗଠନର ଜିଲା ସଂଯୋଜକ ଭାବେ ଚଳିତବର୍ଷ ପାଇଁ ସବାବ କାଦ୍ରୀ ମନୋନୀତ ହୋଇଛନ୍ତି। ଏଥିସହିତ ସହସଂଯୋଜକ ଭାବେ ସଞ୍ଜୟ ଖିଲାର, ମିଥୁନ ଜେନା ଓ ରଶ୍ମିପ୍ରିୟା ଜେନାଙ୍କୁ ମନୋନୀତ କରାଯାଇଥିଲା। ଶିବିରରେ ଧର୍ମ ଓ ସାମ୍ପ୍ରଦାୟିକତା, ଭାରତର ସ୍ୱାଧୀନତା ସଂଗ୍ରାମ, ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ, ଅବିଭକ୍ତ ବାଲେଶ୍ୱରରେ ଗାନ୍ଧୀ ଆନ୍ଦୋଳନ, ବଜାର ଓ ବଜାରୀକରଣ, ଭାରତର ସମ୍ବିଧାନ ଓ ଏହାର ସୁରକ୍ଷା ଆଦି ବିଷୟରେ ବକ୍ତାମାନେ ଶିବିରାର୍ଥୀମାନଙ୍କ ସହ ଆଲୋଚନା କରିଥିଲେ। ଭଦ୍ରକ ଜିଲାର ବିଭିନ୍ନ ଅଞ୍ଚଳରୁ ୭୦ ଶିବିରାର୍ଥୀ ଏଥିରେ ଅଂଶଗ୍ରହଣ କରିଥିବା ସଙ୍ଗଠନ ପ୍ରାଦେଶିକ ସଂଯୋଜକ ରଣଜିତ ଦେହୁରି ଜଣାଇଛନ୍ତି।

## ଜ୍ୟୋତିପ୍ରକାଶଙ୍କୁ ମିଳିଲା ଟିକେଟ

**ଖଇରା,୨୭।୩(ଡି.ଏନ.ଏ.)**



ଜ୍ୟୋତି ପ୍ରକାଶ ପାଣିଗ୍ରାହୀ

ବାଲେଶ୍ୱର ଜିଲା ସିମୁଳିଆ ବିଧାନସଭା ଆସନର ବିଜେଡି କାହାକୁ ପ୍ରାର୍ଥୀ କରିବ ଏନେଇ ଲାଗି ରହିଥିବା ଚର୍ଚ୍ଚାର ଅନ୍ତ ଘଟିଛି । ବର୍ତ୍ତମାନର ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଉପରେ ଭରସା ରଖିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ବୁଧବାର ଅପରାହ୍ନରେ ଟିକେଟ ଘୋଷଣା ପରେ ପାଣିଗ୍ରାହୀଙ୍କ ସମର୍ଥକମାନେ ଉତ୍ସାହିତ ହୋଇ ଉଠିଛନ୍ତି। କିଛି ଦିନ ତଳେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶଶିକୁମାର ସାହୁ ବିଜେଡିରେ ମିଶିବା ପରେ ସାହୁ ଓ ପାଣିଗ୍ରାହୀଙ୍କ ସମର୍ଥକମାନେ ନିଜ ନେତା ଟିକେଟ ପାଇବେ ବୋଲି ଆଶା ରଖି ନାନା ଚର୍ଚ୍ଚା କରୁଥିଲେ। ଜ୍ୟୋତିଙ୍କୁ ଟିକେଟ ମିଳିବା ପରେ ନିରୁତ୍ସାହିତ ଗୋଷ୍ଠୀଙ୍କ ଭୂମିକା କଣ ରହିବ ତାହା ଉପରେ ସମସ୍ତଙ୍କ ନଜର ରହିଛି। ବିଧାୟକ ପାଣିଗ୍ରାହୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ସେ ଖଇରା ସିମୁଳିଆକୁ ଏକ ଆଦର୍ଶ ନିର୍ବାଚନ ମଣ୍ଡଳୀ ଭାବେ ଗଢି ତୋଳିବାକୁ ପ୍ରତିଶୃତିବଦ୍ଧ। ନବୀନ ବାବୁଙ୍କ ଆଦର୍ଶକୁ ପାଥେୟ କରି ସେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ମୁକାବିଲା କରିବେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା

**ତିହିଡ଼ି, ୨୭।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ଶିବିର ତିହିଡ଼ି ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡା. ଅନୀଲ କୁମାର ଦାସ ଶିବିରରେ ଯୋଗଦେଇ ମଧୁମେହ ଓ ଗଣ୍ଠିବାତ ରୋଗ ଉପରେ ଆଲୋଚନା କରିଥିଲେ। ଦୈନିକ ପ୍ରାତଃଭ୍ରମଣ, ଯୋଗ, ଧ୍ୟାନ, ପ୍ରାଣାୟମ, ପରିଶ୍ରମ ଓ ଖାଦ୍ୟପେୟରେ ନିୟମିତତା ରକ୍ଷା ସହ ଧୂମପାନ ଓ ମଦ୍ୟପାନଠାରୁ ଦୂରେଇ ରହିବା ସମ୍ପର୍କରେ ସେ ସଚେତନ କରାଇଥିଲେ। ଏହି ଅବସରରେ ୧୦ ରୋଗୀଙ୍କୁ ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ କର୍ମଚାରୀ ସଂଘର ସମ୍ପାଦକ ବିଭୂତି ଭୂଷଣ ସେନାପତି ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘ ସଭାପତି ରାମଚନ୍ଦ୍ର ବାରିକ, ପ୍ରତାପ କୁମାର ଆଚାର୍ଯ୍ୟ, ଶୈଳେନ୍ଦ୍ର କୁମାର ନାୟକ, କୃତ୍ତିବାସ ଜେନା, କୁଳମଣି ସାହୁ, ମନମୋହନ ଦାସ, ଭାଗୀରଥି ବଳ, ମଥୁରାମୋହନ ବେହେରା, ନିର୍ମଳ ଦଳେଇ, ମନମୋହନ ନାୟକ, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ହରେକୃଷ୍ଣ ରାଉତ, ରମାକାନ୍ତ ମହାପାତ୍ର, ନିରଞ୍ଜନ ମହାପାତ୍ର, କମଳିନୀ ମହାପାତ୍ର ପ୍ରମୁଖଙ୍କ ସମେତ ବହୁ ସେବାନିବୃତ୍ତ କର୍ମଚାରୀ ଶିବିରରେ ଯୋଗ ଦେଇଥିଲେ।

## ଝୁଲି ରହିଲା ୨ ବିଧାନସଭା, କେନ୍ଦୁଝର ଲୋକ ସଭା ଆସନ ପ୍ରାର୍ଥୀ ଘୋଷଣା

**କେନ୍ଦୁଝର, ୨୭।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇଛି। ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ପୁଣି ଥରେ ଘସିପୁରା ନିର୍ବାଚନ ମଣ୍ଡଳୀ ପାଇଁ ଟିକେଟ ପାଇଛନ୍ତି। ତେଲକୋଇ, ସଦର ଓ ପାଟଣାରେ ବିଜେଡି ପ୍ରାର୍ଥୀ ବଦଳାଯାଇଛି। ସଦର ନିର୍ବାଚନ ମଣ୍ଡଳୀରୁ ମାଧବ ସର୍ଦ୍ଦାର, ପାଟଣାରୁ ଜଗନ୍ନାଥ ନାୟକ ଓ ତେଲକୋଇରୁ ପ୍ରେମାନନ୍ଦ ନାୟକ ପ୍ରାର୍ଥୀ ହେବା ନେଇ ଘୋଷଣା ହୋଇଛି। ପ୍ରେମାନନ୍ଦ ପୂର୍ବରୁ ଥରେ ବିଧାୟକ ଥିଲେ। ସେହିପରି ମାଧବ ପୂର୍ବରୁ କଂଗ୍ରେସର ଏମ୍‌ପି ଥିଲେ। ଜଗନ୍ନାଥ ପାଟଣା ବ୍ଲକ ଅଧକ୍ଷ ଅଛନ୍ତି। ଅନ୍ୟ ପକ୍ଷରେ ଆନନ୍ଦପୁର ଓ ବହୁ ଚର୍ଚ୍ଚିତ ଚମ୍ପୁଆ ବିଧାନସଭା ନିର୍ବାଚନ ମଣ୍ଡଳୀ ଓ କେନ୍ଦୁଝର ଲୋକ ସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା ଝୁଲି ରହିଛି। ପୂର୍ବରୁ ସଦରରେ ଭାଜପା ପୂର୍ବତନ ବିଧାୟକ ମୋହନ ମାଝୀଙ୍କ ନାମ ଘୋଷଣା କରିଥିବାବେଳେ କଂଗ୍ରେସ ପକ୍ଷରୁ ବିଦ୍ୟାଧର ଦେହୁରୀଙ୍କୁ ପ୍ରାର୍ଥୀ କରିବାକୁ ଘୋଷଣା କରିଛି। ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ନାମ ଘୋଷଣା କରିଥିବାବେଳେ ଭାଜପା ପୂର୍ବତନ ବିଧାୟକ ଭାଗୀରଥି ସେଠୀଙ୍କ ନାମ ଘୋଷଣା କରିଛି। ଘଷିପୁରା ନିର୍ବାଚନ ମଣ୍ଡଳୀ ପାଇଁ ଭାଜପା ପୃଥ୍ୱୀରାଜ କୁଅଁରଙ୍କ ନାମ ଘୋଷଣା କରିଥିବା ବେଳେ କଂଗ୍ରେସ ଘୋଷଣା କରିନାହିଁ। ତେଲକୋଇ ପାଇଁ ଭାଜପା ଧନୁର୍ଜ୍ୟୟ ସିଦ୍ଧୁଙ୍କ ନାମ ଆଗରୁ ଘୋଷଣା କରିଥିବା ବେଳେ କଂଗ୍ରେସ ଘୋଷଣା କରିନାହିଁ। ବହୁ ଚର୍ଚ୍ଚିତ ଚମ୍ପୁଆ ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଭାଜପା ଓ ବିଜେଡି ଘୋଷଣା କରିନାହିଁ। କେନ୍ଦୁଝର ଲୋକ ସଭା ପାଇଁ ଭାଜପା ପୂର୍ବତନ ଏମ୍‌ପି ଅନନ୍ତ ନାୟକଙ୍କ ନାମ ଘୋଷଣା କରିଥିବା ବେଳେ ବିଜେଡି ଓ କଂଗ୍ରେସ ଘୋଷଣା କରିବାକୁ ବାକି ରହିଛି।

## ଲଉଡ଼ି ଖେଳ: ସୁରେଶରପୁର ଯାଦବ ସଂଘ ପ୍ରଥମ

**ପଦ୍ମପୁର, ୨୭।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତ ଦଧିବାମନପୁରଠାରେ ମୋହନ ମୁରଲୀ ଯାଦବ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣଚନ୍ଦ୍ର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଅଲେଖ ବାରିକ ମୁଖ୍ୟଅତିଥି ଓ ନାଏବ ସରପଞ୍ଚ ନାରାୟଣ ବାରିକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବିଚାରକ ଭାବେ ଅଜୟ କୁମାର ବାରିକ ଓ ଚିନ୍ତାମଣି ଦତ୍ତ ଯୋଗ ଦେଇଥିଲେ। ଉତ୍ସବ ଅବସରରେ ଆୟୋଜିତ ଲଉଡ଼ି ଖେଳ ପ୍ରତିଯୋଗିତାରେ ୧୨ ଯାଦବ ସଂଘ ଭାଗ ନେଇଥିଲେ। ସୁରେଶରପୁର ଯାଦବ ସଂଘ ୧ମ, ଜଗନ୍ନାଥପୁର ଯାଦବ ସଂଘ ୨ୟ ଓ ବାଲିନଗର ଯାଦବ ସଂଘ ୩ୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା।

